Odia Daily
www.theutkalsamachar.com
ଉତ୍କଳ ସମାଚାର
ଟ୍ୱିଟ୍ସରିକ ଚେତନାର ମୁଖପତ୍ର
THE UTKAL SAMACHAR
PUBLISHED FROM ROURKELA, SAMBALPUR & BHUBANESWAR
Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:287✦ 13 February 2026 (Friday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୮୭ ✦୧୩ ଫେବୃଆରୀ ୨୦୨୬ (ଶୁକ୍ରବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

'ଭାରତ ବୋଧନ ଏଆଇ କନକ୍ଲେଭ'ର ଶୁଭାରମ୍ଭ

ଶିକ୍ଷା ପଦ୍ଧତିକୁ ସହଜ କରିବ ବୋଧନ ଏଆଇ: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ,୧୨/୨: ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଶିକ୍ଷା ପ୍ରକ୍ରିୟାକୁ ସହଜ ଓ ପ୍ରଭାବଶାଳୀ କରିବା ପାଇଁ 'ବୋଧନ ଏଆଇ'ର ଶୁଭାରମ୍ଭ କରାଯାଇଛି । ଏହା ଶିକ୍ଷକମାନଙ୍କୁ ସହାୟତା କରିବା ସହ ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ଶିକ୍ଷା ପ୍ରଦାନରେ ସହାୟକ ହେବ । ଏଆଇ କେବଳ ଙ୍ଗରାଜୀ ଭାଷାରେ ସୀମିତ ନ ରହି ଭାରତୀୟ ଭାଷାଗୁଡ଼ିକରେ ଉପଲବ୍ଧ ହେବା ଉଚିତ୍ । ଏହା ଦ୍ୱାରା ଗ୍ରାମାଞ୍ଚଳର ଶେଷ ଧାଡ଼ିର ବିଦ୍ୟାର୍ଥୀ ମଧ୍ୟ ନିଜ ମାତୃଭାଷାରେ ଜଟିଳ ବିଷୟଗୁଡ଼ିକୁ ସହଜରେ ବୁଝିପାରିବେ । ନୂଆଦିଲ୍ଲୀ ଠାରେ ଆୟୋଜିତ 'ଭାରତ ବୋଧନ ଏଆଇ କନକ୍ଲେଭ'ରେ ଯୋଗଦେଇ ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ସାମର୍ଥ୍ୟ ଉପରେ ଆଲୋକପାତ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଭାରତକୁ ଏକ 'ଏଆଇ ଲିଡର' ଦେଶ ଭାବେ ଗଢିତୋଳିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପକୁ ବୋହରାଇ ସେ ଶିକ୍ଷା କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଭାରତର ଏଆଇ ନିଜସ୍ୱ ଶୈଳୀରେ ସମାବେଶୀ, ସଂଗଠନାତ୍ମକ ପରଷର ସହଯୋଗୀ ଏବଂ ସାମର୍ଥ୍ୟରେ ସାର୍ବଭୌମ ହେବ । ଛାତ୍ରଛାତ୍ରୀମାନଙ୍କୁ ସଶକ୍ତ କରିବା ଏବଂ ଶିକ୍ଷକମାନଙ୍କୁ ସହାୟତା କରିବା ପାଇଁ ଆମକୁ ଶିକ୍ଷା କ୍ଷେତ୍ରରେ ଏଆଇକୁ ସାମିଲ କରିବାକୁ ହେବ । ଶିକ୍ଷାର ରୂପାନ୍ତରଣ ଏବଂ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ମୁଁ ସମସ୍ତ ଅଂଶୀଦାରମାନଙ୍କୁ ମାପଯୋଗ୍ୟ ଦାୟିତ୍ୱସମ୍ପନ୍ନ, ନୈତିକ, ସମାବେଶୀ ଏବଂ ଭାରତ-କେନ୍ଦ୍ରିତ ସାର୍ବଭୌମ ଏଆଇ ମଡେଲ୍ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଛନ୍ତି । ଆଇଆଇଟି ବମ୍ବେ ଏବଂ ଆମେରିକାର କଲମ୍ବିଆ ୟୁନିଭରସିଟି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହା ମାଧ୍ୟମରେ ମାନୁଫାକଚରିଂ କ୍ଷେତ୍ରରେ ଏଆଇର ବ୍ୟବହାର ପାଇଁ ଏକ ଯୁଗ୍ମ ଗବେଷଣା କେନ୍ଦ୍ର ସ୍ଥାପନ କରାଯିବ । ଏଆଇ ମାଧ୍ୟମରେ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଓ ନୂତନ ପାଠ୍ୟକ୍ରମର ସରଳିକରଣ ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଆଗାମୀ ଦିନରେ ଦେଶର ୩୦ କୋଟି ଛାତ୍ରଛାତ୍ରୀ ଓ କୋଟି କୋଟି ଶିକ୍ଷକଙ୍କ ପାଇଁ ଏକ ଡିଜିଟାଲ୍ ପବ୍ଲିକ ଇନଫ୍ରାଷ୍ଟ୍ରକଚର ନିର୍ମାଣ କରିବା ସରକାରଙ୍କ ଲକ୍ଷ୍ୟ । ସେ ଆହୁରି କହିଛନ୍ତି ଯେ ୨୦୩୭ ସୁଦ୍ଧା ଭାରତର ଅର୍ଥନୀତିରେ ଏଆଇର ଅବଦାନ ୧.୭ ଟ୍ରିଲିୟନ ଡଲାରରେ ପହଞ୍ଚିବାର ସମ୍ଭାବନା ରହିଛି । ଏଆଇ କେବଳ ଏକ ଟେକ୍ନୋଲୋଜି ନୁହେଁ, ବରଂ ଏହା ଭାରତର 'ଆଭିରେସନାଲ୍ଇଣ୍ଡିଆ' ବା ମାନବୀୟ ସମ୍ବଳର ଆକାଂକ୍ଷାକୁ ପୂରଣ କରିବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ । ଏହି ଅବସରରେ ସେ ଓଡ଼ିଶାର ଜଣେ ଯୁବକଙ୍କ ଦ୍ୱାରା ପ୍ରସ୍ତୁତ 'ଭଜ୍ଞ' (ଟ୍ରାଇବାଲ ଲାଙ୍ଗୁଏଜ୍) ଏଆଇ ମଡେଲର ଉଦାହରଣ ଦେଇ ଦେଶର ପ୍ରତିଭାକୁ ପ୍ରଶଂସା କରିଛନ୍ତି । ଛାତ୍ରଛାତ୍ରୀମାନଙ୍କୁ ସଶକ୍ତ କରିବା ଏବଂ ଶିକ୍ଷକମାନଙ୍କୁ ସହାୟତା କରିବା ପାଇଁ ଆମକୁ ଶିକ୍ଷା କ୍ଷେତ୍ରରେ ଏଆଇକୁ ସାମିଲ କରିବାକୁ ହେବ ।

'ଭାରତ ବନ୍ଦ': ୧୨ ଘଟିଂଆ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଟର ଧର୍ମଘଟ

ଭୁବନେଶ୍ୱର,୧୨/୨(ନି/ପ୍ର): ଶ୍ରମ କୋଡ୍ ରଦ୍ଦ ଦାବିରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ମିଳିତ ମଟର ଦେଶବ୍ୟାପି ଧର୍ମଘଟ । ନୂଆ ଶ୍ରମ କୋଡ୍ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଚାଚିଛନ୍ତି ବିଭିନ୍ନ ଶ୍ରମିକ ସଂଗଠନ । ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ ବନ୍ଦ ଡାକରା ଦେଇଛନ୍ତି । ଏଥିସହ ଓଡ଼ିଶାରେ ଚାଲିଥିବା ବିଜୁଳି ବିଲ୍, ଜଟନିଟ୍ଟନି ଓ ମନରେଗାକୁ ପ୍ରସଙ୍ଗ କରି ବନ୍ଦ ଡାକରା ଦେଇଛନ୍ତି ବିଭିନ୍ନ ସଂଗଠନ । ଜଂଗ୍ରେସ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଛି । କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍‌ର ବାଦି ଦେଶବ୍ୟାପି ୩୦ କୋଟିରୁ ଅଧିକ ଲୋକ ବନ୍ଦ ପାଳନରେ ସାମିଲ ହୋଇଥିଲେ । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଟିଂଆ ଦେଶବ୍ୟାପି ବନ୍ଦ ପାଳନ ହୋଇଛି । ବନ୍ଦ ପାଳନ ସମୟରେ ସାରାରାଜ୍ୟରେ ବସ୍, ଟ୍ରକ୍ ଏବଂ ଅନ୍ୟାନ୍ୟ ଯାତନାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଓଡ଼ିଶାରେ ଶ୍ରମିକ ସଂଗଠନ ପକ୍ଷରୁ

ବିଭିନ୍ନ ସ୍ଥାନରେ ରେଳରୋକ, ପିକେଟିଂ କରି ଦୋକାନ ବଜାର ବନ୍ଦ କରିବା ସହ ବିକ୍ଷୋଭ କରାଯାଇଥିଲା । ୨୧ ନଭେମ୍ବର ୨୦୨୫ରେ ନୂଆ ଶ୍ରମ କୋଡ୍ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହାକୁ ବିରୋଧ କରି ଆସୁଛନ୍ତି ବିଭିନ୍ନ ଶ୍ରମିକ ସଂଗଠନ । ସରକାରଙ୍କ 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍'କୁ ଆଗକୁ ବଢ଼ାଇବା ପାଇଁ ଶ୍ରମିକଙ୍କ ରକ୍ତ ଶୋଷଣ କରି କର୍ପୋରେଟ୍ ଓ ମାଲିକମାନଙ୍କୁ ଅତ୍ୟଧିକ ଲାଭ ଦେବା ଏହାର ଲକ୍ଷ୍ୟ ବୋଲି ଅଭିଯୋଗ କରି ଆସୁଛନ୍ତି ।

ଦୂରଦର୍ଶନର ଚରିଷ୍ଠ ଖବର ଉପସ୍ଥାପିକା ସରଳା ମାହେଶ୍ୱରୀଙ୍କ ପରଲୋକ

ନୂଆଦିଲ୍ଲୀ,୧୨/୨: ଦୂରଦର୍ଶନର ନ୍ୟୁଜ୍ ଉପସ୍ଥାପିକା ସରଳା ମାହେଶ୍ୱରୀଙ୍କର ଦେହାନ୍ତ ଘଟିଛି । ସେ ତାଙ୍କର ଶାନ୍ତ ସ୍ୱର ଏବଂ ସ୍ୱଭାବ ଏବଂ ଶୁଦ୍ଧ ହିନ୍ଦୀ ଉଚାରଣ ଲାଗି ବେଶ୍ ଜଣାଶୁଣା । ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା । ସରଳା ଦୂରଦର୍ଶନର ଏକ ପପୁଲାର୍ ଚେହେରା ଥିଲେ । ସେ ୧୯୮୦ ଏବଂ ୧୯୯୦ ଦଶକରେ ଏକ ସରୁଳିକ ଏବଂ ଶାନ୍ତ ସ୍ୱରରେ ଖବର ଉପସ୍ଥାପନ ପାଇଁ ଜଣାଶୁଣା ଥିଲେ । ଆଜି ତାଙ୍କର ଦେହାନ୍ତ ଘଟିଛି ।

ପଟ୍ଟାରେ ଲାଗିବ କ୍ୟୁଆର କୋଡ୍

ଭୁବନେଶ୍ୱର,୧୨/୨(ନି/ପ୍ର): ଜମି କିଣାବିକାରେ ଆଉ ହୋଇପାରିବନି ଠକେଇ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଆସିବ ଇଲେକ୍ଟ୍ରନିକ୍ସ ସୁକ୍ଷ୍ମ କ୍ୟୁଆର କୋଡ୍‌ପଟ୍ଟା । ଏ ବେଳ ଆଜି ଏକ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ କହିଛନ୍ତି ଇଲେକ୍ଟ୍ରନିକ୍ସ ସୁକ୍ଷ୍ମ କ୍ୟୁଆର କୋଡ୍‌କମିପଟ୍ଟା ଆସିବ । କ୍ୟୁଆର୍‌କୋଡ୍ ସ୍କାନ୍ କଲେ ପଟ୍ଟାର ସମ୍ପୂର୍ଣ୍ଣ ଇତିହାସ ବାହାରିବ । ଜମି କିଣାବିକାରେ ଆଉ ଠକେଇ ହୋଇପାରିବନାହିଁ । ଲୋକଙ୍କୁ ଭୁଆଁ ଜମି କିଣାବିକା ଉପରେ ରୋକ୍ ଲାଗିବ । ଠକାମୀ ଉପାୟରେ ଜମି କିଣାବିକା କଲେ ସଙ୍ଗେ ସଙ୍ଗେ ତହସିଲଦାର ଓ ଆରଆର କାର୍ଯ୍ୟାଳୟରେ ବୋଲି ସେ କହିଛନ୍ତି ।

ରାସ୍ତା ଓ ଡ୍ରେନରେ ଅଳିଆ ଫିଙ୍ଗିଲେ ୨୫ ହଜାର ଜରିମାନା...

ନୂଆଦିଲ୍ଲୀ,୧୨/୨: ସାଇବର ସିଟି ଭାବରେ ପରିଚିତ ଗୁରୁଗ୍ରାମକୁ ସଫା ରଖିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଯେଉଁମାନେ ସହରର ରାସ୍ତାଳବ ଜିମ୍ବା ଖୋଲା ଡ୍ରେନ୍‌ରେ ଅଳିଆ ଫିଙ୍ଗି ଧରାପଡ଼ନ୍ତି ସେମାନଙ୍କୁ ଭାରୀ ଜରିମାନା ଦେବାକୁ ପଡିବ । ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ୨୬ ଜୁଲାଇ ୨୦୨୫ ତାରିଖର ନିର୍ଦ୍ଦେଶ ଗୁରୁଗ୍ରାମରେ ନଗର ନିଗମ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି । ଏନଜିଟି ହରିୟାଣା ରାଜ୍ୟରେ ସାର୍ବଜନୀନ ସ୍ଥାନରେ କଠିନ ଅଳିଆ ଫିଙ୍ଗିବା ଉପରେ ସମ୍ପୂର୍ଣ୍ଣ ନିଷେଧ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲା । ଏନଜିଟି କହିଥିଲା ଯେ ଅଳିଆର ଅନିୟନ୍ତ୍ରିତ ଭଙ୍ଗି ପରିବେଶ ପାଇଁ କ୍ଷତିକାରକ । ଏହା ଦ୍ୱାରା ପାଣି ଏବଂ ବାୟୁ ପ୍ରଦାବିତ ହୁଏ । ଗୁରୁଗ୍ରାମର ନଗର ନିଗମ ପରିବେଶକୁ କ୍ଷତି ସହଟାଇଥିବା ଲୋକଙ୍କ ଉପରେ ଭାରୀ ଜରିମାନାର ବ୍ୟବସ୍ଥା କରିଛି । ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ, ନିୟମର ପ୍ରଥମ ଉଲ୍ଲଙ୍ଘନ ପାଇଁ ପ୍ରତିଷ୍ଠାନ କିମ୍ବା ଏକେନ୍ଦ୍ରିଭୂତିକୁ ୨୫ ହଜାର ଟଙ୍କା ଏବଂ ଦ୍ୱିତୀୟ ଉଲ୍ଲଙ୍ଘନ ପାଇଁ ୫୦ ହଜାର ଟଙ୍କା ଜରିମାନା କରାଯିବ । ସେହିପରି ସାଧାରଣ ଅଳିଆ ଫିଙ୍ଗିଥିବା ଲୋକଙ୍କୁ ପ୍ରଥମ ଥର ପାଇଁ ୫ ହଜାର ଟଙ୍କା ଜରିମାନା ଦେବାକୁ ପଡିବ । ଯଦି ଦୋଷୀ ବ୍ୟକ୍ତି କିମ୍ବା ସଂଗଠନ ଜରିମାନା ନଦିଅନ୍ତି, ତେବେ ଏହି ରାଶି ଆଇନ ଅନୁଯାୟୀ ଜମି ରାଜସ୍ୱ ବକେୟା ପରି ଆଦାୟ କରାଯିବ । ଆଦାୟ ହୋଇଥିବା ଜରିମାନା ସହରରେ ଜଟିଳ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଖର୍ଚ୍ଚ କରାଯିବ । ନଗର ନିଗମ ଗୁରୁଗ୍ରାମ ଜମିଶାନର ପ୍ରଦୀପ ବହିଆ ନାଗରିକ, ପ୍ରତିଷ୍ଠାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନକୁ କେବଳ ନିର୍ଦ୍ଦିଷ୍ଟ ଅଳିଆ ଗୁଡ଼ରେ ଅଳିଆ ନିକ୍ଷେପନ କରିବାକୁ ନିବେଦନ କରିଛନ୍ତି ।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ଆୟୁଷ ଡାକ୍ତରଙ୍କ ପ୍ରତିନିଧି ଦଳ

ଭୁବନେଶ୍ୱର, ୧୨/୨(ନି/ପ୍ର):ରାଜ୍ୟରେ କାର୍ଯ୍ୟରତ ଆୟୁଷ ଡାକ୍ତର ମାନଙ୍କ ସେବାକୁ ସମ୍ମାନ ଜଣାଇ ସେମାନଙ୍କ ଦରମା ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଏହି ନିଷ୍ପତିକୁ ସ୍ୱାଗତ ଜଣାଇ ଆୟୁଷ ଡାକ୍ତରଙ୍କ ଏକ ପ୍ରତିନିଧି ଦଳ ବୁଧବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ତାଙ୍କ ବାସ ଭବନରେ ସାକ୍ଷାତ କରି ଧନ୍ୟବାଦ ଜଣାଇଛନ୍ତି ।

ଏନ୍‌ସିପି ମିଶ୍ରଣ ଆଲୋଚନା ମଧ୍ୟରେ ମୋଦୀ ଓ ଶାହଙ୍କୁ ଭେଟିଲେ ସୁନେତ୍ରା

ମୁମ୍ବାଇ,୧୨/୨: ଏନ୍‌ସିପି ଦୁଇଗୋଷ୍ଠୀର ମିଶ୍ରଣ ଚର୍ଚ୍ଚା ମଧ୍ୟରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାର ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ପୃଥକ୍ ପୃଥକ୍ ଭାବେ ଭେଟିଥିଲେ । ସୁନେତ୍ରା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଦିଲ୍ଲୀ ନିଜ ପୁଅ ପାର୍ଥ ଓ ଜୟଙ୍କ ସହିତ ଆସିଥିଲେ । ସୂତ୍ର ଅନୁଯାୟୀ ଯଦି ଏନ୍‌ସିପିର ଦୁଇ ଗୋଷ୍ଠୀ ମଧ୍ୟରେ ମିଶ୍ରଣ ହୁଏ ତେବେ କେନ୍ଦ୍ର ବ୍ୟାବିନେଟରେ ଏନ୍‌ସିପିକୁ ଦୁଇଟି ମନ୍ତ୍ରଣାଳୟ ମିଳିବ । ଗୋଟିଏ ଏନ୍‌ସିପିର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ପଟେଲ ଓ ଅନ୍ୟଟି ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେଙ୍କୁ ମିଳିବ । ଅନ୍ୟପକ୍ଷରେ ମହାରାଷ୍ଟ୍ରରେ ଶରଦ ପାୱାର ନେତୃତ୍ୱାଧୀନ ଗୋଷ୍ଠୀକୁ ୨ଟି ବ୍ୟାବିନେଟ ପଦବୀ, ଗୋଟିଏ ରାଷ୍ଟ୍ରମନ୍ତ୍ରୀ ପଦବୀ ମିଳିବ ବୋଲି ଜଣାପଡ଼ିଛି । ଏନ୍‌ସିପି ବିଜେପି ନେତୃତ୍ୱାଧୀନ ମେଟଂରେ ସାମିଲ ହେବା ପୂର୍ବରୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଦିଲ୍ଲୀ ଯାଇଛନ୍ତି । ସେଠାରେ ସେ ବିଜେପିର ବରିଷ୍ଠ ନେତାମାନଙ୍କୁ ଭେଟିବେ । ଫଡନାଭିସ୍ ଏନ୍‌ସିପିର ଦୁଇ ଗୋଷ୍ଠୀର ମିଶ୍ରଣ ଏବଂ ରାଜ୍ୟରେ ମହାଯୁତି ମେଟଂ ସହିତ କିପରି ଦୁଇଟି ଗୋଷ୍ଠୀକୁ ସାମିଲ କରି ସନ୍ତୁଳନ ରକ୍ଷା କରାଯିବ ସେ ଉପରେ ସେ ଆଲୋଚନା କରିବେ । ଫଡନାଭିସ୍ ମିଶ୍ରଣ ପାଇଁ ସକାରାତ୍ମକ ସଙ୍କେତ ଦେଇଛନ୍ତି । କାରଣ ଏକ ସଂଯୁକ୍ତ ଏନ୍‌ସିପି ଧର୍ମନିରପେକ୍ଷ, ପ୍ରଗତିଶୀଳ ଏବଂ ସଂଖ୍ୟାଲଘୁ ଭୋଟ ଆଣିବାରେ ସକ୍ଷମ ହୋଇପାରିବ ବୋଲି ବିଜେପି ଅନୁଭବ କରୁଛି । ସୂତ୍ର ଅନୁଯାୟୀ, ଏହାଦ୍ୱାରା ରାଜ୍ୟରେ କଂଗ୍ରେସର ବୃଦ୍ଧି ପାଇଁ ସୁଯୋଗ ରହିବ ନାହିଁ । ଏନ୍‌ସିପି ସହିତ ରହିଥିବା ୩୫ ପ୍ରତିଶତ ମରାଠା ଭୋଟ ବ୍ୟାଙ୍କ ମଧ୍ୟ ଅତୁଟ ରହିବ । ତେଣୁ ଏନସିପିର ଏହି ମିଶ୍ରଣ ବିଜେପି ପାଇଁ ଦ୍ୱିଗୁଣ ଲାଭ ଆଣିବ । ସୂତ୍ର ଅନୁଯାୟୀ, ବିଜେପି ଶୀର୍ଷ ନେତୃତ୍ୱ ମଧ୍ୟରେ ଏହି ମିଶ୍ରଣ ସମ୍ପର୍କରେ ଅଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଶରଦ ପାୱାରଙ୍କ ସହିତ ଉତମ ସମ୍ପର୍କ ରହିଛି । ଏନ୍‌ସିପିର ୮ ଜଣ ଲୋକସଭା ସାଂସଦ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ଅଧିକ ଶକ୍ତିଶାଳୀ କରିବ ବୋଲି ବିଜେପି ଜାଣିଛି । ଏନ୍‌ସିପିର ମିଶ୍ରଣ ପରେ ସୁନେତ୍ରା ଏବଂ ତାଙ୍କ ପୁଅମାନେ ସଂଯୁକ୍ତ ଏନ୍‌ସିପିରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କୁହାଯାଉଛି । ସୁନେତ୍ରା ଏନ୍‌ସିପିର ନେତୃତ୍ୱ ନେବେ ଓ ୮୫-ବର୍ଷୀୟ ଶରଦ ପାୱାର ମୁଖ୍ୟତଃ ପରାମର୍ଶଦାତା ଭୂମିକା ଗ୍ରହଣ କରିବେ ବୋଲି ସୂତ୍ରରୁ ଜଣାପଡ଼ିଛି ।

ପ୍ରଫୁଲ୍ଲଙ୍କ ସହିତ ସୁପ୍ରିଆ ସୁଲେଙ୍କୁ ମିଳିପାରେ କେନ୍ଦ୍ର କ୍ୟାବିନେଟରେ ମନ୍ତ୍ରିପଦ

ପାକିସ୍ତାନ ୟୁଏସର ଏକ ପ୍ରମୁଖ ପାର୍ଟନର୍

ଭାରତ-ବାଂଲାଦେଶ ପରେ ପାକିସ୍ତାନ ସହ ଚୁକ୍ତି କରିବାକୁ ଚାହୁଁଛି ଆମେରିକା

ୱାଶିଂଟନ୍,୧୨/୨: ଦୁଇ ପ୍ରମୁଖ ଏସୀୟ ଦେଶ, ଭାରତ ଓ ବାଂଲାଦେଶ ସହିତ ଚୁକ୍ତି କରିବା ପରେ, ଆମେରିକା ଏବେ ପାକିସ୍ତାନକୁ ଏକ ପ୍ରମୁଖ ଅଂଶୀଦାର ବୋଲି ଭାବୁଛି । ଆମେରିକା କହିଛି ଯେ ୱାଶିଂଟନ୍ ଇସଲାମାବାଦ ସହିତ ଅର୍ଥନୈତିକ ଓ ସୁରକ୍ଷା ସମ୍ପର୍କକୁ ସୁଦୃଢ଼ କରିବା ପାଇଁ କାମ କରୁଛି, ଦକ୍ଷିଣ ଏସିଆରେ ପାକିସ୍ତାନକୁ ଏକ ପ୍ରମୁଖ ଅଂଶୀଦାର ଭାବରେ ଉଲ୍ଲେଖ କରିଛି ।ଦକ୍ଷିଣ ଓ ମଧ୍ୟ ଏସୀୟ ସହାୟକ ବୈଦେଶିକ ସଚିବ(ଆସିଷ୍ଟାଂଟ ସେକ୍ରେଟାରୀ) ପଲ କପୁର ଆମେରିକା ଏବଂ ପାକିସ୍ତାନର ଅତ୍ୟାବଶ୍ୟକୀୟ ଖଣିଜ ପଦାର୍ଥ, ବାଣିଜ୍ୟ ଓ ଆତଙ୍କବାଦ ବିରୋଧୀ ସହଯୋଗ ଉପରେ ଆଲୋକପାତ କରିଥିଲେ । କପୁର କହିଛନ୍ତି ଯେ ୱାଶିଂଟନ ଇସଲାମାବାଦ ସହିତ ଅର୍ଥନୈତିକ ଏବଂ ସୁରକ୍ଷା ସମ୍ପର୍କକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରୁଛି । ଆମେରିକା ଭାରତ ଓ ବାଂଲାଦେଶ ସହିତ ଏକ ଚୁକ୍ତିରେ ପହଞ୍ଚିଛି । ବାଣିଜ୍ୟ ଚୁକ୍ତି ଅନୁଯାୟୀ, ଆମେରିକା କିଛି ବାଂଲାଦେଶୀ ବୟନ ସାମଗ୍ରୀ ଉପରେ ଶୁଳ୍କ ୨୦% ରୁ ୧୯% ହ୍ରାସ କରିଛି । ଏହା ବାଂଲାଦେଶର ବୟନ ଶିଳ୍ପ କ୍ଷେତ୍ରକୁ ଆଶ୍ୱସ୍ତି ପ୍ରଦାନ କରିବା ପ୍ରତିବନ୍ଧକରେ, ବାଂଲାଦେଶ ତାର ଖାଦ୍ୟ ଓ କୃଷି ବଜାରକୁ ଆମେରିକା ପାଇଁ ଖୋଲି ଦେଇଛି । ଅନ୍ୟପକ୍ଷେ, ଆମେରିକା ମଧ୍ୟ ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛି । ଏହା ଭାରତ ଉପରେ ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିଛି ।

କଡ଼ା ସୁରକ୍ଷା ବଳୟରେ ବାଂଲାଦେଶରେ ମତଦାନ: ଆଜି ଫଳାଫଳ

ଢାକା,୧୨/୨:ବାଂଲାଦେଶରେ ଅଗଷ୍ଟ ୨୦୨୪ରେ ହୋଇଥିବା ବଡ଼ଧରଣ ବିରୋଧ ପ୍ରଦର୍ଶନ ଓ ଶେଖ୍ ହସିନାଙ୍କୁ କ୍ଷମତାରୁ ବିତାଡ଼ିତ କରାଯିବା ପରେ ଦେଶରେ ପ୍ରଥମ ଥର ନିର୍ବାଚନ ଅନୁ ?ଷ୍ଠିତ ହେଉଛି । ଏହି ନିର୍ବାଚନ କେବଳ ଢାକା ପାଇଁ ନୁହେଁ, ଭାରତ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରହିଛି । ବାଂଲାଦେଶରେ ଗତ ୧୮ ମାସ ହେଲା ହିଂସା ଓ ଅଶାନ୍ତି ଲାଗି ରହିଛି । ଶେଖ ହସିନାଙ୍କ ଶାସନର ପତନ ପରେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଦାୟିତ୍ୱ ଗ୍ରହଣ କରିଥିଲା । ୟୁନୁସଙ୍କ କାର୍ଯ୍ୟକାଳରେ ଭାରତ ସହିତ ବାଂଲାଦେଶର ସମ୍ପର୍କ ସର୍ବକାଳୀନ ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା । ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଆକ୍ରମଣ ଓ ହତ୍ୟା ପ୍ରାୟ ନିତିବିନିତି ଘଟଣା ହୋଇଯାଇଛି । ଏହି ନିର୍ବାଚନ ପରେ ନିର୍ବାଚିତ ସରକାର ଓ ଭାରତ ମଧ୍ୟରେ ସମ୍ପର୍କରେ ଉନ୍ନତି ଆସିବ ବୋଲି ଆଶା କରାଯାଇଛି । ଗୁରୁବାର ସକାଳୁ ମତଦାନ ଆରମ୍ଭ ହୋଇଥିବାବେଳେ ଅପରାହ୍ନ ସାଢେ ୪ଟା ପର୍ଯ୍ୟନ୍

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଭିବି-ଜୀ ରାମ-ଜୀ ଯୋଜନାର ସଫଳ କାର୍ଯ୍ୟକାରିତା ନେଇ କର୍ମଶାଳା

କେନ୍ଦୁଝର,୧୨/୨(ନି/ପ୍ର): କେନ୍ଦୁଝର ଜିଲ୍ଲାରେ ବିକଶିତ ଭାରତ ଆଜୀବିକା ମିଶନ(ଗ୍ରାମୀଣ) ନିମନ୍ତେ ଗ୍ୟାରେଣ୍ଟି (ଭିବି-ଜୀ ରାମ-ଜୀ ଅଧିନିୟମ-୨୦୨୫) ର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ଏକ କର୍ମଶାଳା କେନ୍ଦୁଝର ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ନିର୍ଦ୍ଦେଶାନୁସାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାରାୟଣଙ୍କ ଅଧ୍ୟକ୍ଷତାରେ ଆୟୋଜିତଏହି ବୈଠକରେ ପଟ୍ଟାମୁଣ୍ଡାଇ ଓ ପାନୀୟ ଜଳ ବିଭାଗର ଯୁଗ୍ମ ସଚିବ ଶ୍ରୀ ଗାୟତ୍ରୀବଦନ ନାୟକ ପରିଚାଳନା କରିବା ସହ ଯୋଜନା ବିଷୟରେ ପ୍ରାଞ୍ଜଳ ଭାବେ ଉପସ୍ଥିତ ଜିଲ୍ଲାର ସମସ୍ତ ବ୍ଲକର ବିଡ଼ିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ବୁଝାଇଥିଲେ। ଭିବି-ଜୀ-ରାମ-ଜୀ ଯୋଜନାର ଉପାଦେୟତା ଓ ଆବଶ୍ୟକତା ଉପରେ ବିଷଦ ଆଲୋଚନା କରିଥିଲେ। ପୂର୍ବତନ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଥିବା ବେଳେ ଏବେ ତାହା ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ନିମନ୍ତେ ଗ୍ୟାରେଣ୍ଟି ଯୋଜନା ହୋଇଛି। ଯଦ୍ୱାରା ନିଶ୍ଚିତ କର୍ମ ନିଯୁକ୍ତି ସହିତ ସ୍ଥାୟୀ ସମ୍ପତ୍ତି ସୃଷ୍ଟି ମାଧ୍ୟମରେ ଗ୍ରାମୀଣ ବିକାଶ, ପ୍ରତି ଗ୍ରାମୀଣ ପରିବାରକୁ ବର୍ଷକୁ ୧୨୫ ଦିନର କର୍ମ ନିଯୁକ୍ତି ର ଗ୍ୟାରେଣ୍ଟି, ଏହି ଯୋଜନାରେ ଜଳ ସୁରକ୍ଷା, ସୁଦୃଢ ଭିତ୍ତି ଭୂମି, ଜୀବିକା ଅଭିବୃଦ୍ଧି ଏବଂ ଜଳବାୟୁ ସହନ ଶିଳ୍ପ ଭଳି ୪ ଟି ମୁଖ୍ୟ କାର୍ଯ୍ୟର ପ୍ରସାର ରହିଛି, ଏହାର ଯୋଜନା ପ୍ରଣାଳୀ ପଞ୍ଚାୟତ ଦ୍ୱାରା ପ୍ରସ୍ତୁତ ବିକଶିତ ଗ୍ରାମ ପଞ୍ଚାୟତରେ ଅନ୍ତର୍ଭୁକ୍ତ ହେବ (ପିଏମ୍ ଗତି ଶକ୍ତି) ଥିବା ବେଳେ ଏହାର ଭୂମିକା ପଞ୍ଚାୟତ ସ୍ତରରେ ଦୃଢ଼ୀକରଣ କରାଯିବ। ପୂର୍ବରୁ ମନରେଗା ଯୋଜନାରେ ସୃଷ୍ଟି କରାଯାଇଥିବା ପ୍ରକଳ୍ପ ଗୁଡ଼ିକର କମ ଦିନର ସ୍ଥାୟୀ ଥିଲା । କିନ୍ତୁ ବର୍ତ୍ତମାନ କ୍ଷେତ୍ରରେ ଏହା ସ୍ଥାୟୀ, ଉତ୍ପାଦନକ୍ଷମ ଏବଂ ଜୀବିକା ବୃଦ୍ଧିକାରି ସମ୍ପତ୍ତି ଉପରେ ଗୁରୁତ୍ୱ ଦିଆଯିବ। ଆଗରୁ ସାମାଜିକ ସମୀକ୍ଷା ବାଧ୍ୟତାମୂଳକ ଥିଲା ମାତ୍ର ତାହା ପ୍ରଭାବ ସୂଚୀ ସମାନ ନଥିଲା କିନ୍ତୁ ଏଥିରେ ଏହି ଯୋଜନାରେ କାର୍ଯ୍ୟର ସ୍ୱଚ୍ଛତା ପାଇଁ ଅଧିକ ଶକ୍ତିଶାଳୀ ବ୍ୟବସ୍ଥା କରାଯାଇଛି। ସେହିପରି ଭିତ୍ତିଭୂମି, ଜଳବାୟୁ ଏବଂ ଜୀବିକା ସମ୍ବନ୍ଧିତ ବ୍ୟବସ୍ଥିତ ଉପରେ ସମନ୍ୱୟ ଏବଂ ଗ୍ରାମୀଣ କାର୍ଯ୍ୟରେ ଜଳବାୟୁ ଅନୁକୂଳତା ଏବଂ ସ୍ଥିରତା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲା ସ୍ତରୀୟ କର୍ମଶାଳା ମାଧ୍ୟମରେ ବ୍ଲକ ଉନ୍ନୟନ ଅଧିକାରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ଅତିରିକ୍ତ ପ୍ରକଳ୍ପ ଅଧିକାରୀମାନଙ୍କୁ ଅଭିଯାନ ସମ୍ପର୍କରେ ସୂଚନା ଓ ଦାୟିତ୍ୱ ପ୍ରଦାନ କରିବା ଏହାର ଏକ ପ୍ରମୁଖ କାର୍ଯ୍ୟ ବୋଲି ଶ୍ରୀ ନାୟକ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର, ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀ ଶୁଭଦର୍ଶୀ ଯୋଶୀ, ପିଏ, ଆଇଟିଡିଏ ଶିବଶଙ୍କର ମିଶ୍ର ,ପ୍ରୋଗ୍ରାମ ମ୍ୟାନେଜର ଶୋଭନ କୁମାର ଧଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

କେନ୍ଦୁଝର ପୌରାଂଚଳରେ ସରକାରୀ ଜାଗାର ଜବର ଦଖଲ ବଢୁଛି , ପ୍ରଶାସନ ନିଷ୍କ୍ରିୟ

କେନ୍ଦୁଝର, ୧୨/୨(ନି/ପ୍ର): ପ୍ରଶାସନିକ ନିଷ୍କ୍ରିୟତା ଯୋଗୁଁ କେନ୍ଦୁଝର ପୌରାଂଚଳରେ ସରକାରୀ ଜାଗାଗୁଡ଼ିକର ଜବର ଦଖଲ ବଢ଼ିବାରେ ଲାଗିଛି । ଏପରିକି ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜାଗାଗୁଡ଼ିକୁ ମଧ୍ୟ ଜବର ଦଖଲ କରି ସେ ଜାଗାଗୁଡ଼ିକରେ ଲୁହା ଚାଦରରେ ଦୋକାନ ଗୃହମାନ ନିର୍ମାଣ କରି ବିଭିନ୍ନ ବ୍ୟବସାୟ କରୁଛନ୍ତି । ସ୍ଥାନେ ସ୍ଥାନେ ରହିଥିବା ସରକାରୀ ଓ ଦେବୋତର ଜାଗା ନିଜତ ବର୍ତ୍ତୀ ରହୁଥିବା ଲୋକମାନେ ନିଜ ଜାଗା ସହିତ ସରକାରୀ ଓ ଦେବୋତର ଜାଗାଗୁଡ଼ିକୁ ମିଶାଇ ଭଲ ମୂଲ୍ୟବାନ ଜାଗାଗୁଡ଼ିକରେ ସେବ ନିର୍ମାଣ, ନିଜେ ଯିବା ଆସିବା ଲାଗି ଫେବର ସ୍ପେଟ ପକାଇ ରାସ୍ତା, ସ୍ଥାୟୀ ଦୋକାନ ଗୃହମାନ ନିର୍ମାଣ କରିବାରେ ଲାଗିଛନ୍ତି । ଜିଲ୍ଲା ପ୍ରଶାସନର ମାତ୍ର କେଇଗଳ ଦୂରବର୍ତ୍ତୀ ଜାଣୀପୁର, ଜଗନ୍ନାଥପୁର, ଅଂଚଳକୁ ଦେଖିଲେ ଜବର ଦଖଲ ସ୍ପଷ୍ଟ ପ୍ରମାଣ ମିଳିବ । ଏପରିକି ବିଦ୍ୟୁତ ସବ୍ ଷ୍ଟେସନ ଭଳି ବିପଦ ଜନକ ଜାଗା ନିଜତବର୍ତ୍ତୀ ଜାଗାଗୁଡ଼ିକୁ ମଧ୍ୟ ଅକ୍ତିଆର କରିବାରେ ଲାଗିଛନ୍ତି । ଏଭଳି ଜବର ଦଖଲ ପ୍ରତି ନା କେନ୍ଦୁଝର ପୌର ବିଭାଗ ଦୃଷ୍ଟି ଦେଉଛନ୍ତି ନା ଜିଲ୍ଲା ପ୍ରଶାସନ କେହିହେଲେ ଦୃଷ୍ଟି ଦେଉ ନଥିବାରୁ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ପୋଲ କାମ ଦରଖଣ୍ଡିଆ , ଲୋକେ ଭୋଗୁଛନ୍ତି ଯମ ଯନ୍ତ୍ରଣା

କେନ୍ଦୁଝର,୧୨/୨(ନି/ପ୍ର): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରଘୁନାଥପୁର ଂଚାୟତର ରୁମୁରିଆ ଠାରୁ ଶରଭପୁର ରାସ୍ତା ବୁଜ ବର୍ଷ ହେବ ନିର୍ମାଣ ଚାଲିଥିଲେ ମଧ୍ୟ ସବୁ ନଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ଅଂଚଳକୁ ମୁଖ୍ୟମନ୍ତ୍ରୀ ଅତୀତରେ ଅନେକ ଥର ଗସ୍ତ କରିଛନ୍ତି ସେ ଏଠାରେ ଖୁବ ଲୋକପ୍ରିୟ । ତଥାପି ଏହି ରାସ୍ତାକାମ କରୁଥିବା ଠିକାଦାର ଏହାକୁ ବୁଜ ବର୍ଷ ଭିତରେ ସାରି ପାରୁନାହିଁ ବରଂ ରାସ୍ତା ଲାଗି ହେଉଥିବା ପୋଲ ପାଖରେ କାମ ଅଟକି ଯାଇଛି । ଏହି ରାସ୍ତା ଉପରେ ନିର୍ଭର କରୁଥିବା ପାଂଚ ଖଣ୍ଡ ଂଚାୟତ ଲୋକେ ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପୋଲ ଉପରେ ଭାରି ଗାଡ଼ି ବିପଜ୍ଜନକ ଭାବେ ଚଳାଚଳ କରୁଛନ୍ତି । ଏଠାରେ ଠିକାଦାର ରାସ୍ତା ପୁରା କରିବା ବଦଳରେ ଏବେ ଅନେକ ଗାତ ଖାଲ କରିଦେଇଛି ପଥଚାରି ମାନେ ପ୍ରତିଷ୍ଠଣରେ ଏଠାରେ ବିପଦର ସାମ୍ନା କରୁଛନ୍ତି । ତେଣୁ ସ୍ଥାନୀୟ ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ଜି ସେ ହସ୍ତକ୍ଷେପ କରି ଏହି ରାସ୍ତା କାମ କଳକି ସାରନ୍ତୁ ଅନ୍ୟଥା ଲୋକେ ବାଧ୍ୟ ହୋଇ ରାସ୍ତାକୁ ଆସିବେ ବୋଲି ଚେତାବନୀ ଦେଇଛନ୍ତି ।

ଦେଶୀ ରନ୍ଧା ମଦ ଓ ମହୁଲ ଜବତ ; ୪ ଗିରଫ

କେନ୍ଦୁଝର,୧୨/୨(ନି/ପ୍ର): କେଉଁଝର ଅବକାରୀ ଅଧିକ୍ଷକ ତେଜରାଜ ଯାନୀଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ଅବକାରୀ ନିରୀକ୍ଷକ ତ୍ରଜମୋହନ ମଲିକ ଓ ହାତତିହି ଅବକାରୀ ଅଧିକାରୀଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଦଳ ଫଜିରପୁର, ବାହିଆ ,ସୁରୁଣା ପାଣି, ଘୋଶରାପଦା ଅଂଚଳରେ ତଡ଼ଉ କରିଛନ୍ତି । ତଡ଼ାଉ ବେଳେ ୩୧୯ଲିଟର ଦେଶୀ ରନ୍ଧା ମଦ ଓ ୩୨୦୦ ଲିଟର ମହୁଲି ଜବତ ହୋଇଛି । ଏନେଇ ଆନନ୍ଦପୁର ଅବକାରୀ ଥାନାରେ ୨ଟି ଓ ହାତତିହି ଅବକାରୀ ଥାନାରେ ୪ଟି ମାମଲା ରୁଜୁ ହୋଇଛି । ଜବତ ଦେଶୀମଦ ଓ ମହୁଲି ନଷ୍ଟ କରାଯିବ ସହ ଘଟଣାରେ ଅଭିଯୁକ୍ତ ସୁଜିତ୍ ସେନା,କାହୁ ମୁର୍ମୁ,ବିଶୋଲ ହୋ,ନନ୍ଦ ହୋ ଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ଘଟଣାରେ ବ୍ୟବହୃତ ସ୍କୁଟି ଜବତ କରାଯାଇଛି । ଜବତ ମହୁଲି ଓ ଦେଶୀମଦର ଆନୁମାନିକ ମୂଲ୍ୟ ୧ଲକ୍ଷ ୫୦ ହଜାର ଟଙ୍କାରୁ ଊର୍ଦ୍ଧ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତଡ଼ଉରେ ହାତତିହି ଅବକାରୀ ଥାନା ସହ ଉପ-ନିରୀକ୍ଷକ,ଶ୍ରୀ ସୁଶାନ୍ତ ରାଉତ ଜନେଶ୍ୱରଦଳ ଜଗମୋହନ ଦେହେରା,ଆରତୀ ଦେହେରା, ସୁରେଶ ଦେହେରା ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକରେ ନିଯୁକ୍ତିକୁ ଗୁରୁତ୍ୱ

କେନ୍ଦୁଝର,୧୨/୨(ନି/ପ୍ର): କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ଠାରେ ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ଯୁବକଯୁବତୀମାନଙ୍କ ଦକ୍ଷତା ବିକାଶ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।ବୈଠକରେ ମୁଖ୍ୟତଃ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । 'ନୂଆ ଓଡ଼ିଶା' ଓ ସ୍ୱୋୟମେମ୍ଟ ଲିଙ୍କଡ୍ ଟ୍ରେନିଂ ପ୍ରୋଗ୍ରାମ୍ କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲାର ୧୩ଟି ବ୍ଲକରେ ଚାଲୁଥିବା ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ଏହାର ସମ୍ପୂର୍ଣ୍ଣ ରୂପାୟନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା - ୨୦୨୫ - ୨୬ ଓ.ଏସ.ଏମ.ଇ କ୍ୟାମ୍ପସରେ ଏକ ବିଶାଳ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଥିରେ ପ୍ରାୟ ୬୦ ଜଣ ସିଧାସଳଖ ନିଯୁକ୍ତିଦାତା ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।ଆପୋଲୋ ମେଡସ୍କିଲ୍ସ ଜରିଆରେ ତାଲିମ: ଜିଲ୍ଲାର ୬୦୦ ଯୁବକଯୁବତୀଙ୍କୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିଯୁକ୍ତି ଜନିତିକ ତାଲିମ ପ୍ରଦାନ କରାଯିବା ଟିଏମଏସ୍ ସହାୟତାରେ ସି.ଟି.ସି, ସିପେଟ ଏବଂ ଆର.ଏଚ. ଏମ ଭଳି ପ୍ରତିଷ୍ଠାନ ମାଧ୍ୟମରେ ଚାଲୁଥିବା ତାଲିମ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି ।ପଛୁଆ ବର୍ଗ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ପି.ଜି.ଟିକି ଗୋଷ୍ଠୀ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ଦକ୍ଷତା ବିକାଶ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି ।ବୈଠକରେ ମଡେଲ କ୍ୟାରିୟର ସେଂଟରର କାର୍ଯ୍ୟକାରିତା, ଡେଲୋଇଠାରେ ଦକ୍ଷତା ବିକାଶ କେନ୍ଦ୍ର ନିର୍ମାଣ ଏବଂ ଜିଲ୍ଲାରେ ୫ଟି ନୂତନ ସରକାରୀ ଆଇଟିଆଇ ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା । ଏଥିସହିତ ବିଭିନ୍ନ ବ୍ଲକରେ ସଚେତନତା ଶିବିର ଆୟୋଜନ କରି ପ୍ରତି ବ୍ଲକରୁ ୧୫୦ ଜଣ ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ବିଭିନ୍ନ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାକିଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଜିଲ୍ଲାପାଳଅଧିକାରୀ ଶ୍ରୀ କୁମାର ନାରାୟଣ ଙ୍କ ସମେତ ଜିଲ୍ଲା ର ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ଶିଳ୍ପ ସଂସ୍ଥାର ପ୍ରତିନିଧି ଏବଂ ତାଲିମ ପ୍ରଦାନକାରୀ ସଂସ୍ଥାର ମୁଖ୍ୟମାନେ ଉପସ୍ଥିତ ଥିଲେ ।

ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର 'ରଜତ ଜୟନ୍ତୀ' ଉତ୍ସବ ପାଇଁ ସ୍ୱତନ୍ତ୍ର ଅଧିବେଶନ

ଭଦ୍ରକ,୧୨/୨(ନି/ପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର 'ରଜତ ଜୟନ୍ତୀ' ଉତ୍ସବ ପାଳନ ଉପଲକ୍ଷେ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' ପରିସରରେ ସଭାପତି ଅବସରପ୍ରାପ୍ତ କମିଶନର ବିସୟର ମହାକିଳ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ମଂଚାସୀନ ଥିଲେ ସଭାପତି, କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି, ଉପସଭାପତି ଡଃ ଗୋଲକ ବିହାରୀ ସାହୁ, ହରମୋହନ କୁଅଁର, ଶାନ୍ତନୁ କୁମାର ରାଉତ, ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ, ଯୁଗ୍ମ ସଂପାଦକ ଅଜିତ କୁମାର ନାୟକ, କଣ୍ଟଶାଳର ଉପାଧ୍ୟାୟ । ଆଲୋଚନା ପରେ ସର୍ବସମ୍ମତି କ୍ରମେ ଚଳିତ ଫେବୃୟାରୀ ମାସ ୨୨ ତାରିଖରେ 'ରଜତ ଜୟନ୍ତୀ' ଉତ୍ସବ ମହାସମାରୋହରେ ପାଳିତ ହେବାର ଧାର୍ଯ୍ୟ ହେଲା । ଉତ୍ସବକୁ ସୁଷ୍ଠୁରୂ ଓ ଶୃଙ୍ଖଳିତ ଭାବେ ପାଳନ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ କମିଟି ଗଠିତ ହୋଇ କର୍ମକିର୍ତ୍ତା ଓ ସଦସ୍ୟ ସଦସ୍ୟାଙ୍କୁ ଦାୟିତ୍ୱ ଅର୍ପଣ କରାଗଲା । ପୂର୍ବାହ୍ନ ଅଧିବେଶନରେ ଆସନ୍ତା ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ବିଧିବଦ୍ଧ ଭାବେ ନିର୍ବାଚନ କରାଯିବ । ସଂଘର ୨୦୨୫ ମସିହାରେ ଅଣୀବର୍ଷ ଅତିକ୍ରମ କରିଥିବା ଓ ପୂର୍ବରୁ ସମ୍ବନ୍ଧିତ ହୋଇନଥିବା ଆଜୀବନ ସଦସ୍ୟ ସଦସ୍ୟା, ଜଣେ ଶିକ୍ଷୟିତ୍ରୀ, ଜଣେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବ । ଦାବାଙ୍କ ସର୍ତ୍ତ ଅନୁସାରେ ଓ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୫ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଓ ବିଦ୍ୟାକଳ ସ୍ତରରେ ଗତ ବାର୍ଷିକ ପରୀକ୍ଷାରେ ବିଶେଷ ସଫଳତା ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ । ଉତ୍ସବରେ ସଂଘର 'ରଜତ ଜୟନ୍ତୀ' ଉତ୍ସବ ସୁରଶିଳା-୨୦୨୬ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଲୋକାର୍ପଣ କରାଯିବ । କାର୍ଯ୍ୟକ୍ରମରେ ସମ୍ପର୍କଙ୍କର ସାହାଯ୍ୟ, ସହଯୋଗ ଓ ଉପସ୍ଥିତି କାମନା କରାଯାଇଛି, କମିଟିର ସଦସ୍ୟଙ୍କ ମାଧ୍ୟମରେ ସମସ୍ତ ଅଫିସ, ବ୍ୟାଙ୍କ, ଟ୍ରେଜେରୀ, ମିଡ଼ିୟା, ଭଦ୍ରକର ପ୍ରମୁଖ ସଂସ୍ଥା, ବୁଦ୍ଧିଜୀବୀ, ସଦସ୍ୟ ସଦସ୍ୟା, ବିଭିନ୍ନ କୋର୍‌ସ କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ ପତ୍ର ପ୍ରେରଣ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଅଛି । ସମ୍ବର୍ଦ୍ଧନା ମାନପତ୍ର ପ୍ରସ୍ତୁତ ଦାୟିତ୍ୱ ହରମୋହନ କୁଅଁର ଓ ଲକ୍ଷ୍ମଣ କୁମାର ମହାନ୍ତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଅଛି । ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ମୁକ୍ତିକାନ୍ତ ମହାପାତ୍ର,

ବାଜି ରାଉତ କଲେଜର ୪୯ତମ ବାର୍ଷିକ ଉତ୍ସବ

ଭୁଜନ,୧୨/୨:ଭୁଜନ ବାଜିରାଉତ ଫୁଟି ମହାବିଦ୍ୟାଳୟ ର ୪୯ ତମ ବାର୍ଷିକ ଉତ୍ସବ ' ବାଜି ଫେଷ୍ଟ ' ମହାସମାରୋହରେ ପାଳିତ ହୋଇଯାଇଛି। ଉତ୍ସବକୁ ଅଧ୍ୟକ୍ଷ ମୃଣ୍ମୟ ପ୍ରଧାନ କୁମ୍ଭାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସମ୍ବାଦ,ହସ୍ତତନ୍ତ ଓ ହସ୍ତଶିଳ୍ପ ଏବଂ ବୟନ ଶିଳ୍ପ ମନ୍ତ୍ରୀ ଉତ୍କଳ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି, ଜାମାଖଣ୍ଡା ନଗର ବିଧାୟକ ଶତ୍ରୁଘ୍ନ ଜେନା ସ୍ୱାଗତ ନିମନ୍ତ୍ରିତ ଅତିଥି,ପୁରାତନ ଛାତ୍ରସଂଘ ଅଧ୍ୟକ୍ଷ ତଥା ଶୋଭର୍ଦ୍ଧନ ପାଠ ଆଦିତ୍ୟ ବାହିନୀ ଅଧ୍ୟକ୍ଷ ପଭିତ ମାତୃ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଡ଼ିଓ ଆୟୁଷୀ ମହାପାତ୍ର,ତହସିଲଦାର ଶ୍ରୀଯୁକ୍ତ ଅନିଲ କୁମାର ମହନ୍ତି, ଜାମାଖଣ୍ଡା ନଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରଜନୀକାନ୍ତ ସାମଲ,ଭୁଜନ ଥାନା ଆରକ୍ଷୀ ନିରୀକ୍ଷକ ଶ୍ରୀମତୀ ରେଣୁବାଳା ସାହୁ ଯୋଗଦେଇଥିଲେ ।

ରାଜ୍ୟସ୍ତରୀୟ ଅବକାରୀ କ୍ରୀଡା ପ୍ରତିଯୋଗିତାରେ ନବରଙ୍ଗପୁର ଗନର୍ସ ଅଫ

ନବରଙ୍ଗପୁର,୧୨/୨(ନି/ପ୍ର): ଜଟକ ସବ୍ୟତ୍ରତ ଷ୍ଟାଡିୟମ ଠାରେ ଆୟୋଜିତ ୫୧ତମ ରାଜ୍ୟ ସ୍ତରୀୟ ଅବକାରୀ କ୍ରୀଡା ପ୍ରତିଯୋଗିତାରେ ନବରଙ୍ଗପୁର ଜିଲ୍ଲା ଗନର୍ସ ଅଫ ହୋଇଥିବା ସୂଚନା ମିଳିଛି ।ଆଜି କ୍ରୀଡାର ଶେଷ ଦିବସରେ ନବରଙ୍ଗପୁର ଜିଲ୍ଲା ଗନର୍ସ ଅଫ ହୋଇଥିବା ଜଣାପଡିଛି ।ନବରଙ୍ଗପୁର ଜିଲ୍ଲା ଅବକାରୀ ବିଭାଗର ପ୍ରତିଯୋଗି ମାନଙ୍କ ମଧ୍ୟରେ ସର୍ବପୁଟ ଖେଳରେ ଜ୍ୟୋତ୍ସ୍ନା ହରିଜନ ପ୍ରଥମ ସ୍ଥାନ, ଟ୍ରିପଲ ଜମ୍ପରେ ଅବକାରୀ ଉପ ନିରୀକ୍ଷକ ଆସେଶ କୁମାର ନାୟକ ତୃତୀୟ ସ୍ଥାନ, ଆକାଶ ଶବର ଦ୍ୱିତୀୟ ସ୍ଥାନ, ୪୦୦ମିଟର ଦୌଡରେ ଦେବେନ୍ଦ୍ର ସମରଥ ପ୍ରଥମ ସ୍ଥାନ ଓ ୮୦୦ମିଟର ଦୌଡରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ।ଠିକ ସେହିଭଳି ୩୦୦୦ମିଟର ଦୌଡରେ ରଞ୍ଜିତ ସିଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ।ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ନବରଙ୍

ବିବିଧା

ଏଆଇ ପାଇଁ କାମ କରିବ ମଣିଷ!

ମଣିଷର ମସ୍ତିଷ୍କକୁ ନେଇ ଗେଲଥିବା ଏଆଇ (କୃତ୍ରିମ ବୁଦ୍ଧିମତା) ଏବେ ମଣିଷଙ୍କୁ ଚାପିଦିବାକୁ ବସିଛି । ଲାଭ ଗେଇଲାବେଳେ ଏଆଇ ଏବେ ଆମର ଦୈନନ୍ଦିନ ଜୀବନର ଅଙ୍ଗ ହୋଇସାରିଛି । ଏଆଇ ବ୍ୟବହାରରେ ଚାଟ୍‌ବଟ୍ ଜନ୍ମ ନେଇଛି । ଏହି କୃତ୍ରିମ ବୁଦ୍ଧିମତ୍ତାକୁ ଆଧାର କରି ଚିତ୍ରାଙ୍କନ ଚାଟ୍‌ବଟ୍, ଜେନ୍ ଚାଟ୍ କିପିଟି ଏବେ ବହୁତ ଲୋକପ୍ରିୟ ହୋଇଛି । ଏହା ଜୀବିକା ପାଇଁ ଜିନ୍ସ୍ ବନାଇବା ସଜ୍ଜାଳ । ଜେନେରିଆଇ ଅନେକ ଲୋକ ନିଜ କଳ୍ପନାକୁ ନେଇ ମଣିଷଜୀବନ ଲଭିବା ସହିତ ଚିତ୍ରାଙ୍କନ ଅଛନ୍ତି । ତେବେ ଏବେ ଲୋକଙ୍କୁ କଥା ଏଆଇ ଏଲେକ୍ଟ୍ରୋଲାଙ୍କୁ ନିଜ କାମରେ ଲଗାଇ ଦିଏ । ପ୍ରତି ବଦଳରେ ସେମାନଙ୍କୁ ପାରିଶ୍ରମିକ ଦେବା । ଶୁଣିବାକୁ ଅଜବ ଲାଗିଲେ ବି ଏହା ସତ । ଗୁଗଲ୍ ଏହୁଲାମାନ ଚାଟ୍ ଏଆଇ' କାମକୁ ଏକ ପ୍ଲାଟଫର୍ମ ଏବେ ତାରିଖିରେ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ । ଦେଶୁ ବର୍ତ୍ତମାନ ଏଆଇ ଏଡ଼ଟେକ୍ ମାଧ୍ୟମ ହେବ । ଏବଂ ମଣିଷ କର୍ମଚାରୀ ଲାଗେ ଏଆଇର କାମ କରିବେ । ସରକାର ଲାଖାରେ କହିଲେ, ଯେମେତେବେଳେ ଏଆଇକୁ ବାସ୍ତବିକ ଦୁନିଆରେ କିଛି ଏମିତି କାମ କରିବାକୁ ପଡ଼ିବ, ଯାହା ତା' ପକ୍ଷେ କରିବା ଅସମ୍ଭବ ହୋଇଯିବ, ସେ ଏହି ପ୍ଲାଟ୍‌ଫର୍ମ ମାଧ୍ୟମରେ ଲୋକଙ୍କୁ ଡାକିବ । ତେବେ ଏଟିକେ ମସ୍ତିଷ୍କ ଏଆଇର ହେବ ଏବଂ ହାତ, ଲୋଡ଼ ମଣିଷର ରହିବ । ଏଆଇ ଯେଉଁଟି କାମକୁ ନିଜେ କରିପାରିବ କାହିଁ, ସେ ଭାଗ ମଣିଷର ସାହାଯ୍ୟ ନେବ । ତେବେ ଏଆଇ ଦୋଷି କରିବା ପରି କରିବା ରେଜୁଲିସନ ଦି ଦାର୍ଦ ହାତ, ଲୋଡ଼ କାହିଁ । ବରିଷ୍ଠଟି ସେ ଦୋକାନ ଯାଇ ସାମଗ୍ରୀ କିଣିପାରିବ ନାହିଁ କିମ୍ବା ବଜାରରେ ଗଛରେ ପାଣି ଦେଇପାରିବ ନାହିଁ । ଏପରିକି ଦୋକାଣସି ଫାଇଲରେ ହାତରେ ବସାଖତ କରିନାହିଁ । ଏଲକି ଗ୍ରାହକ ଏଆଇକୁ ମଣିଷର ଆକର୍ଷଣକରା ପଢ଼ିବ । ଗ୍ରାହକ ଏଆଇ ଏଲେକ୍ଟ୍ରୋଲାଙ୍କୁ ଦେଖିବା ପରେ ଓଡ଼ାଣ୍ଡ ଦାଣ୍ଡିଛି ଦ୍ୱିତୀୟ ଦୁନିଆ । ଏଆଇର ଦ୍ୟାପକ ବଜାର ପ୍ରତ୍ୟେକ ଚାକିରି ଛଡ଼ାଇ ନେଇଛି । ଏହି କୃତ୍ରିମ ବୁଦ୍ଧିମତ୍ତାକୁ ଆଧାର କରି ଟିଆଲି ଚାଟ୍ ବଟ୍ ଜନ୍ ଚାଟ୍ କିପିଟି ଏବେ ବହୁତ ଲୋକପ୍ରିୟ ହୋଇଛି । ଏହା ଜୀବିକା ପାଇଁ ଜିନ୍ସ୍ ବନାଇବା ସଜ୍ଜାଳ । ଜେନେରିଆଇ ଅନେକ ଲୋକ ନିଜ କଳ୍ପନାକୁ ନେଇ ମଣିଷଜୀବନ ଲଭିବା ସହିତ ଚିତ୍ରାଙ୍କନ ଅଛନ୍ତି । ତେବେ ଏବେ ଲୋକଙ୍କୁ କଥା ଏଆଇ ଏଲେକ୍ଟ୍ରୋଲାଙ୍କୁ ନିଜ କାମରେ ଲଗାଇ ଦିଏ । ପ୍ରତି ବଦଳରେ ସେମାନଙ୍କୁ ପାରିଶ୍ରମିକ ଦେବା । ଶୁଣିବାକୁ ଅଜବ ଲାଗିଲେ ବି ଏହା ସତ । '

ଉତ୍କଳ ସମାଚାର

ସମ୍ପାଦକୀୟ...

ଶୁକ୍ରବାର ୧୩ ଫେବୃଆରୀ ୨୦୨୬

ମୁକ୍ତି ସଂଗ୍ରାମର ମହାନାୟକ



ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଅଗ୍ରଗଣ୍ୟ ଯୋଦ୍ଧା, କୃଷକ ଆନ୍ଦୋଳନର ଅନ୍ୟତମ ଆଦ୍ୟ ପୁରୋଧା, ସମାଜବାଦୀ ଓ ସାମ୍ୟବାଦୀ ଆନ୍ଦୋଳନର ଅନ୍ୟତମ ପ୍ରତିଷ୍ଠାତା, ପ୍ରଗତିଶୀଳ ସାହିତ୍ୟିକ, ଶିକ୍ଷା ବିଜ୍ଞାଶର ବିଜ୍ଞାଶୀ ରୂପେ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକ ରାଜ୍ୟର ଦରିଦ୍ର, ନିଷ୍ପେଷିତ, ଶୋଷିତ ଜନସାଧାରଣଙ୍କ ହୃଦୟରେ ଆଜି ମଧ୍ୟ ବଞ୍ଚି ରହିଛନ୍ତି। ଯିଏ ଥରେ ତାଙ୍କୁ ଦେଖିଛି, ତାଙ୍କ ସହିତ ମିଶିଛି, ସେ ଜୀବନରେ ତାଙ୍କୁ ଭୁଲିପାରିବ ନାହିଁ। ମୁକ୍ତି ସଂଗ୍ରାମରେ ଯେଉଁମାନେ ପ୍ରଦାତ୍ୟ ପୁରୁଷ ରୂପେ ଗଣ୍ୟ ହେଉଛନ୍ତି, ପ୍ରାଣନାଥ ସେମାନଙ୍କ ମଧ୍ୟରେ ଅନ୍ୟତମ। ଉଚ୍ଚଶିକ୍ଷା ଲାଭ କରି ମଧ୍ୟ ସେ ସରକାରୀ ଚାକିରି ପ୍ରତି ମନ ନ ବଳାଇ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ସଂଗ୍ରାମରେ ଝାମ ଦେଇଥିଲେ। ଓଡ଼ିଶାର ବୀରଭୂମି ରୂପେ ପରିଚିତ ଖୋର୍ଦ୍ଧାଙ୍କୁ ନିଜର କର୍ମସ୍ଥଳୀ ରୂପେ ବାଛି ନେଇଥିଲେ। ଇତିହାସ କହେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସ୍ୱର ଖୋର୍ଦ୍ଧା ମାଟିର ପାଇକମାନଙ୍କର ପ୍ରତିରୋଧ ସଂଗ୍ରାମ କରିଆରେ ଶୁଣାଯାଇଥିଲା। ଏହି ପୁରାତନ ଗୌରବମୟ ଇତିହାସକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରାଣନାଥ ବାବୁ ଖୋର୍ଦ୍ଧାର ପାଇକମାନଙ୍କୁ ମେଳି କରାଇ ଏକ ବିଶାଳ ଶୋଭାଯାତ୍ରା ବାହାର କରିଥିଲେ। ପାଇକମାନେ ନିଜର ପାରମ୍ପରିକ ଖଣ୍ଡା, ଢାଲ, ତରବାରି ହାତରେ ଧରି ଖୋର୍ଦ୍ଧାର ରାଜରାସ୍ତା ଉପରେ ପଦୁଆର କରି ଗଲାବେଳେ ସେମାନଙ୍କ ମନରେ ବ୍ରିଟିଶ୍ ସରକାର ପ୍ରତି ରହିଥିବା ଭୟ ସମ୍ପୂର୍ଣ୍ଣ ଦୂର ହୋଇଯାଇଥିଲା। ଏହା ହିଁ ଥିଲା ସଂଗ୍ରାମୀ ପ୍ରାଣନାଥଙ୍କର ରାଜନୀତି କ୍ଷେତ୍ରରେ ପ୍ରଥମ ପରିଚୟ। ବ୍ରିଟିଶ୍ ସରକାରର ଆଖିରେ ସେ ହୋଇଥିଲେ ପ୍ରଥମ ରାଜଦ୍ରୋହୀ। ଗୋରା ସରକାର ତାଙ୍କ ଉପରେ ଦମନଲୀଳା ଚଳାଇଥିଲେ। ବିଭିନ୍ନ ସମୟରେ ତାଙ୍କୁ ବନ୍ଦୀ କରି ଦୀର୍ଘ ବର୍ଷ ଜେଲ୍‌ରେ ରଖିଥିଲେ। ଗଣସୁର ପ୍ରକାମଣ୍ଡଳ ଆନ୍ଦୋଳନର ସେ ଥିଲେ ଅନ୍ୟତମ ପ୍ରେରଣାଦାତା ଓ ପୁରୋଧା। ବ୍ରିଟିସ୍ ପଲିଟିକାଲ୍ ଏଜେଣ୍ଟ ବେଲେଲ୍‌ଗେଟ୍ ହତ୍ୟା ମାମଲାରେ ତାଙ୍କୁ ଯୋଡ଼ିବାର ଷଡ଼ଯନ୍ତ୍ର ହୋଇଥିଲା, କିନ୍ତୁ ତାହା ସଫଳ ହୋଇନଥିଲା। ସେହି ମାମଲାକୁ ପରିଚାଳନା କରିବା ପାଇଁ ଗଠିତ ?ସ କମିଟି ଗଠିତ ହୋଇଥିଲା, ସେ ଥିଲେ ତାହାର ପ୍ରତିଷ୍ଠାତା ଓ ମୁଖ୍ୟ ଉଦ୍ୟୋକ୍ତା। ଜଟକରୁ ପ୍ରତିଷ୍ଠିତ ଆଇନ୍‌ଜୀବୀମାନଙ୍କୁ ନେଇ ସେ ମାମଲା ପରିଚାଳନା କରିଥିଲେ। ଜାତୀୟ ମୁକ୍ତି ଆନ୍ଦୋଳନ, କୃଷକ ଆନ୍ଦୋଳନ, ରାଜତନ୍ତ୍ର ବିରୋଧୀ ଆନ୍ଦୋଳନ, ଜମିଦାରୀ ପ୍ରଥା ବିରୋଧରେ ଲଢ଼େଇ କରି ସେ ସମୁଦାୟ ଦଶ ଥର କାରାବରଣ କରିଥିଲେ। ଭାରତୀୟ ଆନ୍ଦୋଳନ ଯୋଗୁଁ ତାଙ୍କୁ ଲଙ୍କାଜ ଚୋରି ମାମଲାରେ ଅଭିଯୁକ୍ତ କରାଯାଇଥିଲା। ଓଡ଼ିଶାରେ ନବକୃଷ୍ଣ ଚୌଧୁରୀ, ଭଗବତୀ ଚରଣ ପାଣିଗ୍ରାହୀ, ମାଳତୀ ଚୌଧୁରୀ, ମୋହନ ଦାସ, ସୁରେନ୍ଦ୍ର ଦ୍ୱିବେଦୀ ପ୍ରମୁଖଙ୍କ ସହ ମିଳିତ ହୋଇ ସେ କଂଗ୍ରେସ-ସୋସାଲିଷ୍ଟ ପାର୍ଟି ଗଠନ କରିଥିଲେ ଏବଂ ଏହି ସଂଗଠନର ପ୍ରଥମ ସଭାପତି ଥିଲେ। ପ୍ରସିଦ୍ଧ ଜାତୀୟ ଶିକ୍ଷାନୁଷ୍ଠାନ ଜାଣୀ ବିଦ୍ୟାପୀଠରେ ଅଧ୍ୟୟନ କଲାବେଳେ ସେ ସମାଜବାଦ ମନ୍ତ୍ରରେ ଦୀକ୍ଷିତ ହୋଇଥିଲେ ଏବଂ ତାଙ୍କର ଗୁରୁ ଥିଲେ ଆଚାର୍ଯ୍ୟ ନରେନ୍ଦ୍ର ଦେବ। ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଜାଣୀ ବିଦ୍ୟାପୀଠରେ ପ୍ରାଣନାଥଙ୍କ ସହପାଠୀ ଥିଲେ। ଗଡ଼ଜାତ ରାଜାମାନଙ୍କ ବିରୋଧରେ ଆନ୍ଦୋଳନ ଓ ମୋଗଲବନ୍ଦୀ ଅଂଚଳରେ ଜମିଦାରଙ୍କ ବିରୋଧରେ ଚାଷୀ ଆନ୍ଦୋଳନ ବ୍ୟାପକ ରୂପ ନେଇଥିଲା। ୧୯୩୬ରେ ଓଡ଼ିଶାରେ କୃଷକ ସଂଗଠନ ବିଧିବଦ୍ଧ ଭାବରେ ଗଠିତ ହୋଇଥିଲା। ଏହାର ମୁଖ୍ୟ କର୍ତ୍ତା ଭାବରେ ପ୍ରାଣନାଥ ଦୀର୍ଘ ବର୍ଷ ଧରି କୃଷକ ସଭାର ସଭାପତି ଥିଲେ। ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତତ୍ତ୍ୱରେ ଅନୁପ୍ରାଣିତ ହୋଇ କଳିକତାରେ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ପଦ ଗ୍ରହଣ କରିଥିଲେ। ପରେ ପରେ ପ୍ରାଣନାଥ, ଗୁରୁଚରଣ ଓ ଭଗବତୀ ପାଣିଗ୍ରାହୀଙ୍କୁ ନେଇ ଓଡ଼ିଶାରେ ଗୁପ୍ତ କମ୍ୟୁନିଷ୍ଟ ପାର୍ଟି ଗଠିତ ହୋଇଥିଲା। ସେହି ବୃଷ୍ଟିରୁ ରାଜ୍ୟରେ କମ୍ୟୁନିଷ୍ଟ ଆନ୍ଦୋଳନର ସେ ଥିଲେ ଅନ୍ୟତମ ଆଦ୍ୟ ସ୍ରଷ୍ଟା। ସ୍ୱାଧୀନତା ପରେ ମଧ୍ୟ ସେ ଦୀର୍ଘଦିନ ଆତ୍ମଗୋପନ କରି ରହିବା ପରେ ୧୯୪୮ରୁ ୧୯୫୨ ମସିହା ପର୍ଯ୍ୟନ୍ତ ଅଟକବନ୍ଦୀ ଥିଲେ। ପ୍ରାଣନାଥ ଥିଲେ ଜଣେ ଉଚ୍ଚକୋଟୀର ପ୍ରଗତିଶୀଳ ଲେଖକ ଓ ଚିନ୍ତାନାୟକ। ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେ ସେହି କ୍ରାନ୍ତିର ଭାବଧାରାକୁ ବିଶ୍ଳେଷଣ କରି ରଚନା କରିଥିଲେ 'ଆସବାଲାଲିର ସାହିତ୍ୟ'। ଶିକ୍ଷାର ବିଜ୍ଞାଶ ନ ଘଟିଲେ ସ୍ୱାଧୀନତା ମୂଲ୍ୟହୀନ, ଏହା ଉପଲବ୍ଧି କରି ଶିକ୍ଷାର ପ୍ରସାର ପାଇଁ ସେ ବୁଢ଼ ବୁଢ଼ିଟି ହାଇସ୍କୁଲ୍ ପ୍ରତିଷ୍ଠା ସହ ଖୋର୍ଦ୍ଧାର ଐତିହାସିକ ବରୁଣେଇ ପାହାଡ଼ର ପାଦଦେଶରେ ପ୍ରତିଷ୍ଠା କରିଥିଲେ ବିଜ୍ଞାନ କଲେଜ, ଯାହା ତାଙ୍କ ମୃତ୍ୟୁ ପରେ ପ୍ରାଣନାଥ ସ୍ମୟଶାସ୍ତିତ କଲେଜ ନାମରେ ନାମିତ ହୋଇ 'ନାଇ' ଟିମ୍ ଦ୍ୱାରା 'ଏ' ଗ୍ରେଡ୍ କଲେଜର ମାନ୍ୟତା ହାସଲ କରିଛି। ଜୀବଦଶାରେ ଏହାକୁ ଏକ ବିଶ୍ୱବିଦ୍ୟାଳୟରେ ପରିଣତ କରିବାର ସ୍ୱପ୍ନ ଦେଖୁଥିବା ଅବସ୍ଥାରେ ଆଜିକୁ ୫୪ ବର୍ଷ ପୂର୍ବେ କଳିକତାରେ ତାଙ୍କର ଦେହାନ୍ତ ସେହି ସ୍ୱପ୍ନକୁ ଅଧୁରା ରଖିଦେଲା। ପ୍ରାଣନାଥ ପଟ୍ଟନାୟକ କେବଳ ଏକ ନାମ ନୁହେଁ, ଏହା ଏକ କ୍ରାନ୍ତିକାରୀ ସଂଗଠନ, ଏକ କ୍ରାନ୍ତିକାରୀ ତତ୍ତ୍ୱ, କ୍ରାନ୍ତିକାରୀ ଇତିହାସ, ଆଗକୁ ଆଲୋକ ଦେଖାଉଥିବା ଏକ ଉଜ୍ଜ୍ୱଳ ନକ୍ଷତ୍ର।

ସୁସ୍ଥ ସୂଚନା

ବର୍ତ୍ତମାନ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ('ଏମ୍‌ଏସ୍‌ଏମ୍‌ଇ')ମାନଙ୍କୁ ପ୍ରଦାନ କରାଯାଇଥିବା ଗୁରୁତ୍ୱ ପରିପ୍ରେକ୍ଷୀରେ ପୋଷ୍ଟ ଅଫିସ୍ ସଞ୍ଚୟ ଉପଯୋଗୀ ସାବ୍ୟସ୍ତ ହେବ। ଗତ ୬ ତାରିଖ ଶୁକ୍ରବାର ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଗଭର୍ନର ସଞ୍ଜୟ ମାଲହୋତ୍ରା ଯେତେବେଳେ ଏହି କେନ୍ଦ୍ରୀୟ ବ୍ୟାଙ୍କ୍‌ର ମୁଦ୍ରା ନୀତି ନିର୍ଦ୍ଧାରଣକାରୀ କମିଟି ('ଏମ୍‌ପିସି')ର ଅଧ୍ୟକ୍ଷ ରୂପେ ଏକ କମିଟିର ସଦସ୍ୟମାନ ଦ୍ୱିମାସିକ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ସମ୍ବନ୍ଧରେ ଘୋଷଣା କଲେ, ତାହା ବୁଜିଟି ସଂଫଳର୍ଜିତ କାରଣ ଯୋଗୁଁ ରୋଚକ ଥିଲା: ୨୦୨୫ ଫେବୃଆରି ୬ରେ ସେ ରିଜର୍ଭ ବ୍ୟାଙ୍କ୍ ଗଭର୍ନର ରୂପେ ତାଙ୍କର ସର୍ବପ୍ରଥମ ଏଭଳି 'ଏମ୍‌ପିସି' ନିଷ୍ପତ୍ତି ଘୋଷଣା କଲାପରେ ଏଥରର ଘୋଷଣା ସହିତ ତାହାର ଏକ ବର୍ଷ ପୂରଣ ହୋଇଥିଲା; ଏଇ ଘୋଷଣା କରିବା ପାଇଁ ମାଲହୋତ୍ରା ନେଇଥିବା ୨୭ ମିନିଟ୍ ସମୟ ଥିଲା ଏଥିପାଇଁ ନିଆଯାଇଥିବା ସଂକ୍ଷିପ୍ତତମ ଅବଧିମାନଙ୍କ ମଧ୍ୟରୁ ଅନ୍ୟତମ। ଗଭର୍ନର ମାଲହୋତ୍ରାଙ୍କର ଏଇ ଘୋଷଣା ଏଥର ଏଭଳି ସଂକ୍ଷିପ୍ତ ହେବାରେ ଅବଶ୍ୟ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କାରଣ ମୁଦ୍ରା ନୀତିରେ କୌଣସି ପରିବର୍ତ୍ତନ ନ ଘଟାଇ ସମସ୍ତେ ଆଶା କରୁଥିବା ଭଳି 'ଏମ୍‌ପିସି' ସେଥିରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ନିଷ୍ପତ୍ତି ନେଇଛି, ଯାହା କୌଣସି ବିଶଦ ବ୍ୟାଖ୍ୟାନ ଆବଶ୍ୟକ କରି ନ ଥାଏ। ଏହା ଅନୁସାରେ 'ଏମ୍‌ପିସି' ଉଭୟ 'ରେପୋ ରେଟ୍' ଓ 'ଷ୍ଟାଟ୍‌ସ'କୁ ଅପରିବର୍ତ୍ତିତ ରଖିବା ଉଚିତ ମନେ କରିଛି। 'ରେପୋ ରେଟ୍' ହେଉଛି ନିର୍ଦ୍ଧାୟକ ସୁଧ ହାର ଯେଉଁ ହାରରେ ରିଜର୍ଭ ବ୍ୟାଙ୍କ୍ ଅନ୍ୟ ବ୍ୟାଙ୍କ୍‌ମାନଙ୍କୁ ଋଣ ପ୍ରଦାନ କରିଥାଏ, ଯାହା ସେମାନେ ପ୍ରଦାନ କରୁଥିବା ଋଣ ଉପରେ ଆଦାୟ କରୁଥିବା ସୁଧ ହାରକୁ ପ୍ରଭାବିତ କରିଥାଏ। ଏବେ ଅନ୍ତତଃ ଆସନ୍ନ ଏପ୍ରିଲରେ ଅନୁଷ୍ଠିତ ହେବାକୁ ଯାଉଥିବା ପରବର୍ତ୍ତୀ ଦ୍ୱିମାସିକ 'ଏମ୍‌ପିସି' ବୈଠକ ପର୍ଯ୍ୟନ୍ତ 'ରେପୋ ରେଟ୍' ୫.୨୫ ଶତାଂଶରେ ଅପରିବର୍ତ୍ତିତ ରହିବାକୁ ଯାଉଥିବା ବେଳେ ରିଜର୍ଭ ବ୍ୟାଙ୍କ୍‌ର 'ଷ୍ଟାଟ୍‌ସ' ମଧ୍ୟ ବର୍ତ୍ତମାନର ନିରପେକ୍ଷ (ନିଉଟ୍ରାଲ୍) ଶ୍ରେଣୀରେ ଅପରିବର୍ତ୍ତିତ ରହିବ। 'ନିଉଟ୍ରାଲ୍ ଷ୍ଟାଟସ୍' ସୂଚାଉଥିବା ନୀତିଗତ ନମନୀୟତା ରିଜର୍ଭ ବ୍ୟାଙ୍କ୍‌କୁ ଭବିଷ୍ୟତରେ ଉପଲବ୍ଧ ଅର୍ଥନୈତିକ ସୂଚନା ଆଧାରରେ ସୁଧ ହାରରେ ହ୍ରାସ କିମ୍ବା ବୃଦ୍ଧି ଘଟାଇବାର ସାଧାନତା ପ୍ରଦାନ କରିଥାଏ। ଏଥିସତ୍ତ୍ୱେ ଗଭର୍ନର ସଞ୍ଜୟ ମାଲହୋତ୍ରା ତାଙ୍କର ଘୋଷଣାରେ ଆସନ୍ନା ନ'ରୁ ଚାର ମାସ ଭାଳ 'ରେପୋ ରେଟ୍'ରେ କୌଣସି ପରିବର୍ତ୍ତନ ଘଟିବାକୁ ଯାଉ ନାହିଁ ବୋଲି ଆଶା ପ୍ରକାଶ କରିଛନ୍ତି। ତାଙ୍କର ଏହି ଆଶା ଅବଶ୍ୟ ଏକ ସିଧାସଳଖ ଯୁକ୍ତି ଉପରେ ଆଧାରିତ ହୋଇଥାଏ। ଆଗାମୀ ସମୟରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ଧାରା ଏମିତିରେ ଅବ୍ୟାହତ ରହିବ ବୋଲି ପୂର୍ବାନୁମାନ କରାଯାଇଥିବା ବେଳେ, 'ଯୁରୋପିଆନ୍ ୟୁନିଅନ୍' ଓ ଆମେରିକା ସହିତ ସଦ୍ୟ ସଂପାଦିତ ବାଣିଜ୍ୟ ବୁଝାମାନ ତାହାକୁ ଆହୁରି ଶକ୍ତି ଯୋଗାଇବ ବୋଲି ଏବେ ବିଶ୍ୱାସ କରାଯାଉଛି। ଏଣୁ ଅଭିବୃଦ୍ଧିକୁ ସହାୟକ ହେବା ନିମିତ୍ତ ନିକଟ ଭବିଷ୍ୟତରେ 'ରେପୋ ରେଟ୍'ରେ ଆଉ ହ୍ରାସ ଘଟାଯିବାର ଆବଶ୍ୟକତା ନାହିଁ ବୋଲି ମାଲହୋତ୍ରା ସ୍ୱାଭାବିକ ଭାବରେ ଅନୁଭବ କରୁଛନ୍ତି। କେନ୍ଦ୍ର ବଜେଟ୍ ମଧ୍ୟ ତାଙ୍କୁ ଏଭଳି ଏକ ଆଭିମୁଖ୍ୟ ଗ୍ରହଣ କରିବାରେ ସହାୟକ ହୋଇଛି। ଏଥିରେ ରାଜକୋଷୀୟ ବ୍ୟୟ ସଂକୋଚନକୁ ସୀମିତ କରାଯିବା ସହିତ ପୁଞ୍ଜି ବ୍ୟୟରେ ଏକ ତୀକ୍ଷ୍ଣ ବୃଦ୍ଧି ସାଧନ କରାଯାଇ ତାହାକୁ ୧୧.୨ ଲକ୍ଷ କୋଟି ଟଙ୍କା ସ୍ତରରେ ପହୁଞ୍ଚାଂ ଯାଇଛି, ଯାହା ହେଉଛି ଏକ ଅଭିବୃଦ୍ଧି-ଅନୁକୂଳ ପଦକ୍ଷେପ। ଚଳିତ ବିତ୍ତ ବର୍ଷ ପାଇଁ ରିଜର୍ଭ ବ୍ୟାଙ୍କ୍ ଭାରତୀୟ ଅର୍ଥନୀତି ('ଜିଡିପି')ର ଅଭିବୃଦ୍ଧି ହାର ଏକ ଭଳ ୭.୪ ଶତାଂଶ ରହିବାର ପୂର୍ବାନୁମାନକୁ ଅପରିବର୍ତ୍ତିତ ରଖୁଥିବା ବେଳେ ଆଗାମୀ ବିତ୍ତ ବର୍ଷର ପ୍ରଥମାର୍ଦ୍ଧରେ ତାହା ପୂର୍ବରୁ ଅନୁମାନ କରାଯାଇଥିବା ୬.୮ ଶତାଂଶ ନ ହୋଇ ୭ ଶତାଂଶ ହେବ ବୋଲି ଏବେ ନୂତନ ପୂର୍ବାନୁମାନ ପ୍ରକାଶ କରିଛି। ଚାପୂର୍ଯ୍ୟପୂର୍ଣ୍ଣ ଭାବରେ ଚଳିତ ମାସ ଶେଷ ଆଡ଼କୁ ଉଭୟ ନୂତନ 'ଜିଡିପି' ଓ 'ମୁଦ୍ରାସ୍ଫୀତି' ଡେଟା ଶୃଙ୍ଖଳା ଉନ୍ମୋଚିତ ହେବାକୁ ଯାଉଥିବା ବେଳେ ରିଜର୍ଭ ବ୍ୟାଙ୍କ୍ ତା' ପୂର୍ବରୁ ଏହି ପୂର୍ବାନୁମାନ ପ୍ରକାଶ କରିବାକୁ କୁଣ୍ଠିତ ହୋଇ ନାହିଁ। ସେ ପୁନଶ୍ଚୌନିକ ଭାବରେ 'ରେପୋ ରେଟ୍'ରେ ୨ ପର୍ଯ୍ୟାୟ ମୋଟ ୧୨୫ ବେସିସ୍ ପଏଣ୍ଟ ହ୍ରାସ ଘଟାଇବା ପରେ ଏବଂ ତାହାର ଫଳସ୍ୱରୂପ ଅନ୍ୟ ବ୍ୟାଙ୍କ୍‌ମାନେ ସେମାନଙ୍କ ଦ୍ୱାରା ପ୍ରଦତ୍ତ ଋଣ ପ୍ରତି ଆଗୁ ହେଉଥିବା ସୁଧ ହାରରେ ଜିସେସର ସୁଦ୍ଧା ପ୍ରାୟ ୧୦୦ ବେସିସ୍ ପଏଣ୍ଟ ହ୍ରାସ ଘଟାଇବା ପରେ ରିଜର୍ଭ ବ୍ୟାଙ୍କ୍ 'ରେପୋ ରେଟ୍'ରେ ଆଉ ଏବେ ହ୍ରାସ ଘଟାଇବା ରୂପକ ପ୍ରୋତ୍ସାହନ ପ୍ରଦାନର ଆବଶ୍ୟକତା ଅନୁଭବ କରିନାହିଁ। ବର୍ତ୍ତମାନ ମୁଦ୍ରାସ୍ଫୀତି ମଧ୍ୟ ଯେଉଁଭଳି ନିରାପଦ ସ୍ତରରେ ଆୟତ୍ତାଧୀନ ରହିଛି, ତାହା 'ରେପୋ ରେଟ୍'ରେ ଏବେ କୌଣସି ବୃଦ୍ଧି ଘଟାଇବାକୁ ଅନାବଶ୍ୟକ କରିଦେଇଛି। ଅବଶ୍ୟ ଚଳିତ ବିତ୍ତ ବର୍ଷର ଶେଷ ଚଉରରେ ମୁଦ୍ରାସ୍ଫୀତିରେ ସାମାନ୍ୟ ବୃଦ୍ଧି ଘଟି ତାହା ୩.୨ ଶତାଂଶ ଏବଂ ଆସନ୍ନା ବିତ୍ତ ବର୍ଷର ପ୍ରଥମାର୍ଦ୍ଧରେ ତାହା ୪ ଶତାଂଶରୁ ସାମାନ୍ୟ ଅଧିକ ହେବାକୁ ଯାଉଛି ବୋଲି ପୂର୍ବାନୁମାନ ପ୍ରକାଶ ପାଇଛି। ଏହା ଅବଶ୍ୟ ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ସର୍ବଦା ଅଗ୍ରାଧିକାର ଦେଉଥିବା ରିଜର୍ଭ ବ୍ୟାଙ୍କ୍‌ର ନିଦ ହଜାଇବା ଭଳି ନୁହେଁ। ଏଭଳି ଏକ ସବୁଜିତ ପରିବେଶ 'ଏମ୍‌ପିସି'କୁ ସ୍ଥିତାବସ୍ଥା ବଜାୟ ରଖିବା ନିମିତ୍ତ ପ୍ରବୃତ୍ତ କରିଥିବେ ହେଁ, ସେମାନେ ଯେ କୌଣସି ବାହ୍ୟ କାରଣ ଯୋଗୁଁ ଏକ ସବୁଜନ ବିପ୍ରିଡ଼ି ଯିବାର ମଧ୍ୟ ସମ୍ଭାବନା ରହିଛି ବୋଲି ସଚେତନ ଅଛନ୍ତି, ତାହା ଗଭର୍ନର ମାଲହୋତ୍ରା ତାଙ୍କର ଘୋଷଣାରେ ପ୍ରଦାନ କରିଥିବା ଇଙ୍ଗିତରୁ ଜଣାପଡ଼ିଥାଏ। ସେ ସବର୍ବ କରି ଦେଇଛନ୍ତି ଯେ ଭୂ-ରାଜନୈତିକ ଅସ୍ଥିରତା କିମ୍ବା ଆନ୍ତର୍ଜାତିକ ବିନ୍ଦୀୟ ବଜାରରେ କୌଣସି ଅପ୍ରତ୍ୟାଶିତ ଚଳନ କିମ୍ବା ଆନ୍ତର୍ଜାତିକ ବାଣିଜ୍ୟ ନଙ୍କାରେ ପରିବର୍ତ୍ତନ ଆମର ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତି ସମ୍ବନ୍ଧୀୟ ପ୍ରତ୍ୟାଶା ପ୍ରତି ବିପରୀତ ବୃଦ୍ଧି କରିପାରେ। ଏଭଳି ସମ୍ଭାବନାକୁ ଦୃଷ୍ଟିରେ ରଖି ହିଁ 'ଏମ୍‌ପିସି' ତା'ର 'ଷ୍ଟାଟ୍‌ସ'କୁ ଅପରିବର୍ତ୍ତିତ ରଖିଛି। ଅର୍ଥନୀତିରେ ନଗଦ ଅର୍ଥ ବା 'ଲିକ୍ୱିଡିଟି'ର ଉପଲବ୍ଧତା ସମ୍ବନ୍ଧରେ ରିଜର୍ଭ ବ୍ୟାଙ୍କ୍ ଏକ ସାବଧାନ ଆଭିମୁଖ୍ୟ ଗ୍ରହଣ କରିବାକୁ ପସନ୍ଦ କରିଛି। ଏହା ଅନୁଯାୟୀ ଗଭର୍ନର ମାଲହୋତ୍ରା ବିଚାରବିଚ 'ଓପନ୍ ମାର୍କେଟ୍ ଅପରେରନ୍ସ୍' ସମ୍ବନ୍ଧରେ ଘୋଷଣା କରିବାକୁ ନିବୃତ୍ତ ରହି ଦେବକ ଆଶ୍ୱାସନା ପ୍ରଦାନ କରିଛନ୍ତି ଯେ ଅର୍ଥନୀତିର ଉତ୍ପାଦନଶୀଳ ଆବଶ୍ୟକତା ଉପରେ ଆଧାରିତ ହେବ। ଏହି ପ୍ରକାର ଲିକ୍ୱିଡିଟି ନିର୍ଦ୍ଦିଷ୍ଟ କରିବା ପ୍ରତି ରିଜର୍ଭ ବ୍ୟାଙ୍କ୍ ସର୍ବଦା ଜାଗ୍ରତ ରହିବ। ସାଧାରଣ ନାଗରିକମାନଙ୍କ ପାଇଁ ଗଭର୍ନର ମାଲହୋତ୍ରା ଯାହା ଘୋଷଣା କରିଛନ୍ତି, ତାହା ହେଲା- ଗ୍ରାହକ ସୁରକ୍ଷାର ଦୃଢ଼ୀକରଣ, ବିନ୍ଦୀୟ ଅନ୍ତର୍ଭୁକ୍ତୀକରଣର ସମ୍ପ୍ରସାରଣ, ଋଣ ପ୍ରବାହରେ ଉନ୍ନତି, ଅର୍ଥନ କୋଷପରେଟିଭ୍ ବ୍ୟାଙ୍କ୍‌ମାନଙ୍କର ଦୃଢ଼ୀକରଣ, ଅଣବ୍ୟାଙ୍କ୍ ବିନ୍ଦୀୟ ଅନୁଷ୍ଠାନ('ଏନ୍‌ବିଏଫ୍‌ସି')ମାନଙ୍କର ବ୍ୟବସାୟର ସୁଗମକରଣ ଇତ୍ୟାଦି। ବର୍ତ୍ତମାନ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ('ଏମ୍‌ଏସ୍‌ଏମ୍‌ଇ')ମାନଙ୍କୁ ପ୍ରଦାନ କରାଯାଇଥିବା ଗୁରୁତ୍ୱ ପରିପ୍ରେକ୍ଷୀରେ ସେମାନଙ୍କ ପାଇଁ ବନ୍ଧକମୁକ୍ତ ଋଣ ସୀମାକୁ ଦ୍ୱିଗୁଣିତ କରି ୧୦ ଲକ୍ଷ ଟଙ୍କା ସ୍ଥାନରେ ୨୦ ଲକ୍ଷ ଟଙ୍କା କରିବେର ରିଜର୍ଭ ବ୍ୟାଙ୍କ୍ ଏଇ ଗୁରୁତ୍ୱପୂର୍ଣ୍ଣ ଷ୍ଟେପ୍‌ରୁ ଯେଉଁ ସହାୟତାର ହାତ ବଢ଼ାଇଛି, ତାହା ସେମାନଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ।

ପୃଥୁଳ ସମ୍ବିଧାନ, ଦୁର୍ବଳ ଜନତା

ଆମେ ବିଶ୍ୱର ସବୁଠାରୁ ସର୍ବବୃହତ୍ତ ଓ ପୁରୁଣା ସାମ୍ବିଧାନିକ ଗଣତାନ୍ତ୍ରିକ ରାଷ୍ଟ୍ର। ଇତିମଧ୍ୟରେ ଆମେ ୭୭ଟମ ସାଧାରଣତନ୍ତ୍ର ଦିବସ ପାଳନ କରିଛେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣ ଅର୍ଥାତ୍ ଆମ୍ଭେମାନେ ଶକ୍ତିଶାଳୀ ଓ ସର୍ବୋଚ୍ଚ। ସମ୍ବତ୍ତରେ ଏହି ଧାଡ଼ିଟି ଶୁଣିବାକୁ ଭଲ ଲାଗେ ଏବଂ ଏହା କେବଳ ଲିଖିତ ଧାଡ଼ିଟି ରହିଲେ ଅତ୍ୟୁକ୍ତି ହେବନାହିଁ। ଗଣତନ୍ତ୍ର ଶାସନର ୭୫ ବର୍ଷ ପରେ ବି ଗଣ କେତେ ଅସହାୟ ଏହା ପ୍ରତିଦିନ ଗଣମାଧ୍ୟମରୁ ଜଣାଯାଏ। ବଜାରରେ ବୁଲ ପ୍ରକାର ଖାଦ୍ୟ ସାମଗ୍ରୀ ଉପଲବ୍ଧ ଆମ ଦେଶରେ। ଯେତେ ଅଧିକ ଦାମ, ଚାର ଗୁଣାବୁଜମାନ ସେତେ ଅଧିକ। ପକେଟରେ ପଇସା ନାହିଁ ମାନେ, ଜମ ଗୁଣାବୁଜମାନର ଖାଦ୍ୟ ଆପଣଙ୍କୁ ଖାଇବାକୁ ପଡ଼ିବ। ନକଲି ଖାଦ୍ୟଠାରୁ ଆରମ୍ଭ କରି ନକଲି ଔଷଧର ଏକ ବଜାର ସୃଷ୍ଟି ହୋଇସାରିଛି ଆମ ଦେଶରେ। ବିଭିନ୍ନ ମାନର ସେବା ମଧ୍ୟ ରହିଛି। ଆମ ଦେଶରେ କିଏ ବଞ୍ଚିବାକୁ ଅଗ୍ରାମ କରୁଛି ତ ପୁଣି କିଏ ଜୀବନକୁ ଉପଭୋଗ କରୁଛି। ଜୀବନକୁ ଉପଭୋଗ କରୁଥିବା ମଣିଷଙ୍କ ସଂଖ୍ୟା ଆମ ଦେଶରେ ଖୁବ କମ୍। ଏମାନଙ୍କ ଭୋଟରେ ଗଣତନ୍ତ୍ର ପ୍ରତିଷ୍ଠା ହୁଏନି। ପ୍ରତିଟି ଭୋଟଙ୍କର ଭୋଟର ମୂଲ୍ୟ କିନ୍ତୁ ସମାନ। ଧନୀର ଯେତିକି ଗରିବର ସେତିକି। ଗଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଗଣଙ୍କୁ କେତେ ସମ୍ମାନ ଦିଅନ୍ତି ଏବଂ କେତେ ଗୁରୁତ୍ୱ ଦିଅନ୍ତି ଏକଥା ଜାଣିବୁଝି ଅଛପା ନାହିଁ। ଆମ ରାଜ୍ୟର ନେତାମାନେ କହୁଛନ୍ତି -

୨୦୨୭ ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ଓ ପ୍ରଶିକ୍ଷଣ

ସମ୍ବଲପୁର,୧୨/୨(ନି/ପ୍ର):ଆସନ୍ତା ୨୦୨୭ରେ ପ୍ରଥମ ପର୍ଯ୍ୟାୟ ଜନଗଣନା ନିମନ୍ତେ ଏକ ଜିଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର ସମ୍ବଲପୁର ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଏସଏସଏ ସମ୍ମିଳନୀ କକ୍ଷ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଜନଗଣନା ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ସହକାରୀ ନିର୍ଦ୍ଦେଶକ, ଜନଗଣନା ପରିଚାଳନା ନିର୍ଦ୍ଦେଶାଳୟ ଲକ୍ଷ୍ମଣ ମୁଣ୍ଡା, ପରିସଂଖ୍ୟାନ ଅନୁସନ୍ଧାନକାରୀ ଅଭିଷେକ ମିଶ୍ରଙ୍କ ଅଧକ୍ଷତାରେ ଗୃହ ତାଲିକାକରଣ ଓ ଗୃହ ଗଣନାର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଜନଗଣନା ସମ୍ବନ୍ଧୀୟ ବିଷୟ ଉପରେ ତାତ୍ତ୍ୱିକ ପ୍ରଦାନ କରିଥିଲେ । ସୂଚନା ଅନୁଯାୟୀ ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୧୬ ଏପ୍ରିଲ ୨୦୨୬ ରୁ ଆରମ୍ଭ ହୋଇ ୧୫ ମେ' ୨୦୨୬ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ଗୃହ ତାଲିକା ପ୍ରସ୍ତୁତ ହେବ ଦ୍ୱିତୀୟ ପର୍ଯ୍ୟାୟ ଫେବୃୟାରୀ ୨୦୨୭ ରୁ ଆରମ୍ଭ ହେବ, ଏଥିରେ ମୂଳ ଜନଗଣନା କାର୍ଯ୍ୟ ହେବ । ଗୃହ ତାଲିକ ଜନଗଣନା ସମୟରେ, ଜନସାଧାରଣଙ୍କୁ ବାସସ୍ଥାନର ଅବସ୍ଥା ଏବଂ ମୌଳିକ ସୁବିଧା ସମ୍ପର୍କରେ ପ୍ରଶ୍ନ ପଚରା ଯିବ ।ଏହା ଦେଶର ପ୍ରଥମ ଡିଜିଟାଲ ଜନଗଣନା, ହୋଇଥିବାରୁ ଏଥିରେ ବୈଜ୍ଞାନିକ ଜ୍ଞାନଭୌଗୋଳିକର ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ସେଲ୍ଫ ଏନ୍ୟୁମେରେସନ, ସାଧାରଣ ଜନତାଙ୍କ ସୁବିଧା ପାଇଁ ନାଗରିକମାନେ ନିଜେ ନିଜର ତଥ୍ୟ ପ୍ରଦାନ କରିପାରିବେ । ଏହା ବ୍ୟତୀତ ମୋବାଇଲ ଆପ୍ଲିକେଶନରେ ମଧ୍ୟ ଜନସାଧାରଣ ନିଜେ ନିଜର ସଂପୂର୍ଣ୍ଣ ତଥ୍ୟ ଦେଇପାରିବେ । ଜିଲ୍ଲାପାଳ, ମ୍ୟୁନିସିପାଲଟି କମିଶନର, ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଭାରପ୍ରାପ୍ତ ଅଧିକାରୀମାନେ ଜନଗଣନା ପରିଚାଳନା ଏବଂ ମନିଟରିଂ ପୋର୍ଟାଲ୍ ମାଧ୍ୟମରେ ଜନଗଣନା ସମ୍ବନ୍ଧିତ ତଥ୍ୟ ସମୀକ୍ଷା କରିପାରିବେ । ମୋବାଇଲ ଆପ୍ ବ୍ୟବହାର ଏବଂ ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ ସମ୍ପର୍କରେ ସମସ୍ତ ଚାର୍ଜ ଅଧିକାରୀଙ୍କୁ ବିଧିବଦ୍ଧ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଜନଗଣନାକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଜନଗଣନା କାର୍ଯ୍ୟକୁ ସଠିକ ଏବଂ ଦାୟିତ୍ୱବାନ ଭାବେ କରିବାକୁ ଆଜିର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ସେଉଁଥିରେ ସମସ୍ତ ଉପଜିଲ୍ଲାପାଳ, ବ୍ଲକୋଲି ଓ ବାମରା ବ୍ଲକ ଉନ୍ନୟନ ଅଧିକାରୀ, ସମସ୍ତ ପୌରନିର୍ବାହୀ ଅଧିକାରୀ, ହୀରାକୁଦ ପୌରନିର୍ବାହୀ ଅଧିକାରୀ ଙ୍କ ସମେତ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ଡେପୁଟି କଲେକ୍ଟର ମାନେ ଉପସ୍ଥିତ ଥିଲେ । ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୧୬ ଏପ୍ରିଲ ୨୦୨୬ ରୁ ଆରମ୍ଭ ହୋଇ ୧୫ ମେ' ୨୦୨୬ ପର୍ଯ୍ୟନ୍ତ ଚାଲିବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଫେବୃୟାରୀ ୨୦୨୭ ରୁ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ ।ଏଥି ନିମନ୍ତେ ବିଭିନ୍ନ ପର୍ଯ୍ୟାୟ ରେ ପ୍ରଶିକ୍ଷଣ ଦିଆଯିବ । ଜନଗଣନା କାର୍ଯ୍ୟ କରିବା ପାଇଁ କର୍ମଚାରୀ ନିୟୋଜିତ ହେବେ ବୋଲି ଜଣାପଡ଼ିଛି ।

ସ୍ୱାଧିନତା ସଂଗ୍ରାମୀ ବୀର ତେଲଙ୍ଗା ଖଡିଆଙ୍କ ପ୍ରତିମୂର୍ତି ସ୍ଥାପନା

ସମ୍ବଲପୁର,୧୨/୨(ନି/ପ୍ର): ଖଡିଆ ସାଂସ୍କୃତିକ ସେବା ସମାଜ ସମ୍ବଲପୁର ନେତୃତ୍ୱରେ ୨୨୦ ତମ ସ୍ୱାଧିନତା ସଂଗ୍ରାମୀ ବୀର ତେଲଙ୍ଗା ଖଡିଆ ଜୟନ୍ତୀ ଓ ନୂତନ ବୀର ତେଲଙ୍ଗା ଖଡିଆ ଭଗବାନଙ୍କର ମୂର୍ତି ଉଦଘାଟନ ଗତମୁଡା, ଫଟଫଟି ପଡ଼ା, ହୀରାକୁଦ ଠାରେ ପାଳନ କରାଗଲା । ଗତମୁଡା ଭୀମ ପଡ଼ା ଠାରୁ ଫଟଫଟି ପଡା ଲୁ ଆଦିବାସୀ ସାଂସ୍କୃତିକ ବେଶ ଭୂଷା , ବାଦ୍ୟ ଯନ୍ତ୍ର ସଂଗୀତ ନୃତ୍ୟ ଓ ସ୍ୱାଧୀନତା ସଂଗ୍ରାମୀ ବୀର ତେଲଙ୍ଗା ଖଡିଆଙ୍କ ବେଶ ଭଙ୍ଗି ସ୍ଲୋଗାନ କରି ବି ଏକ ରେଲ୍ଲୀ କରାଯାଇଥିଲା । ରେଲି ଫଟଫଟି ପଡ଼ା ଫିଲଡକୁ ଆସି ନୂତନ ମୂର୍ତି ଉଦଘାଟନ ଓ ପୂଜା ଅର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଅନୁଷ୍ଠାନିକ ସଭାପତି ଯଶୋଦା ଖଡ଼ିଆ, ମୁଖ୍ୟ ବକ୍ତା ଶ୍ରୀ ମାଙ୍ଗରା ଖଡିଆ, କିୟାବତୀ ଖଡିଆ, ଗୁମଲା, ଝାରଖଣ୍ଡ ଥିଲେ ଓ ରେଙ୍ଗାଲି ନିର୍ବାଚନୀ ମଣ୍ଡଳୀର ବିଧାୟକ ସୁଦର୍ଶନ ଜଗିପାଲ, ସମ୍ବଲପୁର ଖଡିଆ ସାଂସ୍କୃତିକ ସେବା ସମାଜ ର ସଭାପତି ଚରଣୀ ଖଡିଆ, ଧନଜୌଡା ବ୍ଲକର ସଭାପତି ରାଜୁ ଖଡିଆ, ଝାରସୁଗୁଡା ଖଡିଆ ସମାଜର ରାମ କୁଲୁ, ଗୁମଲା ଜିଲ୍ଲା ଝାରଖଣ୍ଡ ଖଡିଆ ସମାଜର ଉପସଭାପତି ସମରା ଖଡିଆ, ବିର୍ସା ଖଡିଆ, ଆରତୀ କେରକେଟ୍ଟା , ଅନିମା ତସୋ ପ୍ରମୁଖ ମଂଚାସୀନ ଥିଲେ । ଏହି ସଭାର ପରିଚାଳନା ସମ୍ପାଦକ ବସନ୍ତ ଜୋଜବାଗ କରିଥିଲେ ।ଏଥିରେ ସହଯୋଗୀ ଗଣେଶ ଖଡିଆ ,ମାନସ ଖଡିଆ ,ଜଳିତ ଖଡିଆ, ରମାକାନ୍ତ ଖଡିଆ, ରିଙ୍କି ଖଡିଆ, ଅମିନ ଖଡିଆ, ଅମର ଖଡିଆ, ସୁଭାଷ ବାଗ, ବୁଦୁ ବାଗ, ବିମଲ ଖଣ୍ଡ, ସୁରେଶ ବେଢେରି, ସଂଜୁ ଖଡିଆ, ଅମିନ ଖଡିଆ, ଧନଜୟ ଖଡିଆ, ରାକେଶ ଖଡିଆ, ପଦ୍ମା ଭୁଜଙ୍ଗ ପ୍ରମୁଖ କର୍ମକର୍ତା ସହଯୋଗ କରିଥିଲେ । ଏହି ଅବସରରେ ଫଟଫଟି ପଡ଼ା ଫିଲଡରେ ବସନ୍ତ ଜୋଜବାଗ ନିଜସ୍ୱ ଉଦ୍ୟମରେ ଏକ ପାରମ୍ପରିକ ଆଦିବାସୀ ବସ୍ତ୍ର ଷ୍ଟଲ୍ ଖୋଲିଥିଲେ ।

ସମ୍ବଲପୁରରେ ପୁଣି ଦନ୍ତା ହାତୀ ଆକ୍ରମଣ: ୧ ମୃତ



ଝୁମ୍ପୁରା,୧୨/୨(ନି/ପ୍ର): ସମ୍ବଲପୁର ଜିଲ୍ଲାରେ ପୁଣି ଦନ୍ତା ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ପଡ଼ିଆବାହାଲ ରେଞ୍ଜର ପଡ଼ିଆବାହାଲ ସେକ୍ସନ ଅନ୍ତର୍ଗତ ଝୁମ୍ପୁରା ବ୍ଲକ ଜୟନ୍ତପୁର ପଂଚାୟତର ହର୍ପୁଆବାହାଲ ମହାଲିଙ୍ଗପଡ଼ା ଗ୍ରାମର ପ୍ରେମାନନ୍ଦ ଓରାମ (୩୯) ଆଜି ଭୋର ପ୍ରାୟ ୫ଟା ସମୟରେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିଲେ । ମିଳିଥିବା ସୂଚନା ଅନୁସାରେ, ପ୍ରେମାନନ୍ଦ ଗାଁ ନିକଟସ୍ଥ ବିଲକୁ ଶୌଚ କାର୍ଯ୍ୟ ପାଇଁ ଯାଇଥିବା ବେଳେ ଅଚାନକ ହାତୀ ଉପସ୍ଥିତ ହୋଇ ତାଙ୍କୁ ଶୁଣ୍ଡେ ଦ୍ୱାରା ଉଠାଇ ଆଛଡ଼ି ପକାଇଥିଲା । ଏହି ଘଟଣାରେ ତାଙ୍କ ଛାତି ଓ ପେଟ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ । ଖବର ପାଇ ବନ ବିଭାଗର କର୍ମଚାରୀମାନେ ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଝୁର୍ଣ୍ଣା ଡାକ୍ତରଖାନାକୁ ପଠାଇଛନ୍ତି । ନିୟମାନୁସାରେ ପୀଡ଼ିତ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଉଲ୍ଲେଖନୀୟ ଯେ, ଗତ ସୋମବାର ସମ୍ବଲପୁର ସଦର ରେଞ୍ଜ ଅନ୍ତର୍ଗତ ଝାଙ୍କରପାଲି ସେକ୍ସନର ଭୂମେରଭୁଆଁ-ଗୁଣ୍ଡର ସାମ୍ନାକୁ ପଡ଼ିଥିଲେ । ହାତୀ ଆକ୍ରମଣରେ ସେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ । ଖବର ପାଇ ବନ ବିଭାଗର କର୍ମଚାରୀମାନେ ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଝୁର୍ଣ୍ଣା ଡାକ୍ତରଖାନାକୁ ପଠାଇଛନ୍ତି । ନିୟମାନୁସାରେ ପୀଡ଼ିତ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଉଲ୍ଲେଖନୀୟ ଯେ, ଗତ ସୋମବାର ସମ୍ବଲପୁର ସଦର ରେଞ୍ଜ ଅନ୍ତର୍ଗତ ଝାଙ୍କରପାଲି ସେକ୍ସନର ଭୂମେରଭୁଆଁ-ଗୁଣ୍ଡର ସଂରକ୍ଷିତ ଜଙ୍ଗଲ ପାଦଦେଶରେ ମଧ୍ୟ ଦନ୍ତା ହାତୀ ଆକ୍ରମଣ ଘଟିଥିଲା । ଏହି ଘଟଣାରେ ହାଲିପାଲି ଗ୍ରାମର ପଟାଂନନ ପାଇକ (୩୮)ଙ୍କ ମୃତ୍ୟୁ ଘଟିଥିଲା । ସେହିପରି ଝାଙ୍କରପାଲି ପଂଚାୟତର ରସିଆପାଲି ଗ୍ରାମର ସୁକାନ୍ତି ପ୍ରଧାନ (୬୬) ଗୁରୁତର ଆହତ ହୋଇ ଝୁର୍ଣ୍ଣା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ଏହି ଲଗାତାର ହାତୀ ଆକ୍ରମଣ ଘଟଣା ଅଂଚଳବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି କରିଛି ।

ବରଗଡ଼ ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ବିଭିନ୍ନ ପ୍ରର୍ଯ୍ୟାୟରେ ପ୍ରବୋଧନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଫୁଲବାଣୀରେ ଜିଲ୍ଲା ଇ-ପାଠାଗାର ୮ମ ପ୍ରତିଷ୍ଠା ଦିବସ ପାଳିତ

କନ୍ଧମାଳ, ୧୨/୨(ନି/ପ୍ର): ଫୁଲବାଣୀ ର ଇ. ପାଠାଗାର ଓ ସିଭିଲ ସର୍ଭିସ୍ କୋଚିଂ ସେଂଟର୍ ର ୮ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ଦେବଭୂଷଣ, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାମେନ୍ଦ୍ର ପ୍ରସାଦ ଓ ସମ୍ମାନିତ ଅତିଥି ଜିଲ୍ଲା ନଗର ଉନ୍ନୟନ ଅଧିକାରୀ ପ୍ରବୀଣ କୁମାର ବାଣ୍ଡୁଆ, ଫୁଲବାଣୀ ଉପ-ଜିଲ୍ଲାପାଳ ଜିତାରୀ ସାହୁ, ବିଡ଼ିଓ ଖଲୁରୀପଡ଼ା ଶୁଭ ବଜ୍ରପ୍ରେୟା ବାହିନୀପତି, ଅଧକ୍ଷ ପଲିଟେକନିକ୍ ମହାବିଦ୍ୟାଳୟ ନିହାର ରଞ୍ଜନ ପଟ୍ଟନାୟକ, ବରିଷ୍ଠ ଆଇନଜୀବି ବିଜୟ କୃଷ୍ଣ ପଟ୍ଟନାୟକ , ସ୍ୱାତୀ ସମ୍ପାଦକ ଜଁ ହରି ଶଙ୍କର ରାଉତ, ଅଧ୍ୟାପିକା ଜ୍ୟୋତିର୍ମୟୀ କଣ୍ଡାର ଓ ଆଇ. ଟି. ଡି. ଏ. ପ୍ରକଳ୍ପ ପ୍ରଶାସକ ତଥା ଇ - ପାଠାଗାର ମୁଖ୍ୟ ସଂଯୋଜକ ଗଦାଧର ପାତ୍ର ଯୋଗ ଦେଇଥିଲେ । ପ୍ରଥମେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଏ. ଆଇ. ଦୁନିଆରେ ପାଠାଗାର ପ୍ରାସଙ୍ଗିକତା ସମ୍ପର୍କରେ ଶ୍ରୀ ବାହିନୀପତି ବିସ୍ତୃତ ଆଲୋଚନା କରିବା ସହ ଓ ଶ୍ରୀ ବାଣ୍ଡୁଆ ପାଠାଗାରର ଆତ୍ମୀୟତା ଓ ଭାବପ୍ରବଣତା ବିଷୟରେ କହିଥିଲେ । ନବନିଯୁକ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀନିବାସ ସଡ଼ଙ୍ଗୀ ଜିପରି ଏହି ଅନୁଷ୍ଠାନକୁ ସେ ଓ.ଏ.ଏସର ସ୍ୱପ୍ନ ଦେଖି ଓ ସଠିକ୍ ଉପଯୋଗ କରି ତାକୁ ସଫଳତା ପାଇପାରିଛନ୍ତି କହିଥିଲେ । ବନ ବିଭାଗ ସେବାରେ ନିଯୁକ୍ତ ସୁଶ୍ରୀ ସୁମନ ବିନା କୋଚିଙ୍ଗରେ କେବଳ ପାଠାଗାରକୁ ନିୟମିତ ୨ ବର୍ଷ ଉପଯୋଗ କରି କିପରି ଓ ଏଟ୍ ଏସରେ ସଫଳତା ହାସଲ କରିଛନ୍ତି କହିଥିଲେ । ନବନିଯୁକ୍ତ ଜଁ ଅନିଦ୍ୟ ସୁନ୍ଦର ପାଠାଗାରରେ ପଢ଼ି ପାଠାଗାର ସମ୍ମୁଖ ଜଳ ଯୋଗାଣ ବିଭାଗରେ ମୁଖ୍ୟ ଯନ୍ତ୍ରୀ ହେବାର ଖୁସି ଓ ଅଭିଜ୍ଞତା ବ୍ୟକ୍ତ କରିଥିଲେ । ଋତିଷ୍ଠିକାଲ ଆସିଷ୍ଟାଂଟ ବୀପକ ପାଢି ଲଗାତାର ୩ଟି ଚାକିରିରେ ସଫଳତା ସହ ପାଠାଗାର କିପରି ପ୍ରେରଣା ଦେଇଛି କହିଥିଲେ । ନବନିଯୁକ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀନିବାସ ସଡ଼ଙ୍ଗୀ ଜିପରି ଏହି ଅନୁଷ୍ଠାନକୁ ସେ ଓ.ଏ.ଏସର ସ୍ୱପ୍ନ ଦେଖି ଓ ସଠିକ୍ ଉପଯୋଗ କରି ତାକୁ ସଫଳତା ପାଇପାରିଛନ୍ତି କହିଥିଲେ । ବନ ବିଭାଗ ପରେ ଆନୁଷ୍ଠାନିକ ରୂପେ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ ସହ ଇ - ପାଠାଗାର ପ୍ରତିଷ୍ଠାର ସ୍ୱର୍ଗତ ବିରେନ୍ଦ୍ରରାଉତଙ୍କ ଫଟୋ ଚିତ୍ରରେ ସ୍ମୃତି ଚାରଣ କରିଥିଲେ । ଆଇ ଟି ଟି ଏ ପ୍ରକଳ୍ପ ପ୍ରଶାସକ ଶ୍ରୀ ପାତ୍ର ବାର୍ଷିକ ବିବରଣୀ ସହ ଆଗାମୀ ଦିନରେ ଇ- ପାଠାଗାର ଉନ୍ନତିକରଣ ଓ ସୁବିଧାକରଣ ନିମନ୍ତେ ଥିବା ପରକ୍ଷେପ କହିଥିଲେ । ପାଠାଗାରକୁ ଉପଯୋଗ କରି ଏଯାବତ୍ ୧୫୫ରୁ ଊର୍ଦ୍ଧ ଚାକିରି ରେ ସଫଳତାକୁ ବ୍ୟକ୍ତ କରିଥିଲେ । ଜିଲ୍ଲାପାଳ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା ମାଧ୍ୟମରେ ପ୍ରତିଯୋଗିତା ପରୀକ୍ଷାରେ ସଫଳ ପାଇଁ ବିଭିନ୍ନ ପ୍ରେରଣାଦାୟୀ ଉଦାହରଣ ଦେଇଥିଲେ । ଇ-ପାଠାଗାରକୁ ଅଧିକ ବହି ଓ ସୁବିଧା ଯୋଗାଇବା ସହ ନିଜ ସଫଳତାରମନ୍ତ ଦେବା ସହ ଆଗାମୀ ଦିନରେ ଜେଲ ପାଠାଗାର ସହ ଇ- ପାଠାଗାରକୁ ସଂଲଗ୍ନ କରି ଅଧିକ ଉପଯୋଗୀ କରାଯିବ ବୋଲି କହିଥିଲେ । କର୍ଜବ୍ୟନିଷ୍ଠ ଓ ସମାଜ ପ୍ରତି ସମର୍ପିତ ରହିବାକୁ ନବ ନିଯୁକ୍ତ ବ୍ୟକ୍ତିଙ୍କୁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଏସ ପି ନିଜ ପ୍ରସ୍ତୁତି ଖସଡ଼ା ସହ ବିଫଳତା କୁ ନଡରି ଅଧବସାୟ କରିବାର ଉପାୟ କହିଥିଲେ । ଇ - ପାଠାଗାରକୁ ଉପଯୋଗ କରି ଚାକିରିରେ ସଫଳତା ପାଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଗ୍ରନ୍ଥାଗାରିକ ଶିବ ସୁନ୍ଦର ସାହୁ ଓ ସହ -ଗ୍ରନ୍ଥାଗାରିକ ପ୍ରଭାତ କୁମାର ଦାସ ମଂଚ ଚାଳନା କରିଥିଲେ । ସଭିଙ୍କୁ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ ହୋଇଥିଲା ।

କାଲିମେଳାରେ ଜଳ ପାଲଟିଛି ଜହର:କିଡ଼ନି ରୋଗରେ ସର୍ବାଧିକ ଆକ୍ରାନ୍ତ

ମାଲକାନଗିରି,୧୨/୨(ନି/ପ୍ର):ମାଲକାନଗିରି ଜିଲ୍ଲାରେ କିଡ଼ନି ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ପାଣିକୁ ମୁଖ୍ୟତଃ ଦାୟୀ କରାଯାଉଛି । ୨୦୨୫ ଏପ୍ରିଲରୁ ୨୦୨୬ ଜାନୁଆରି ମଧ୍ୟରେ ୩୦୦ରୁ ଊର୍ଦ୍ଧ୍ୱ ଲୋକ କିଡ଼ନି ରୋଗରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି । ସେଥିମଧ୍ୟରେ ଅଧାରୁ ଅଧିକ ରୋଗୀ କାଲିମେଳା ବ୍ଲକ୍ର । ୨୦୨୫ ଏପ୍ରିଲରୁ ୨୦୨୬ ଜାନୁଆରି ମଧ୍ୟରେ ୧୧୦୦ ପୁରୁଷ ଏବଂ ୭୯୬ ମହିଳାଙ୍କର କିଡ଼ନି ରୋଗ ସମ୍ପର୍କିତ ଲକ୍ଷଣଗୁଡ଼ା ପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ୧୬୧ ପୁରୁଷ ଏବଂ ୧୩୮ ମହିଳା କିଡ଼ନି ରୋଗରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା । ଏହା ପରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ କିଡ଼ନି ରୋଗୀଙ୍କ ଚିକିତ୍ସା ଆରମ୍ଭ କରିବା ସହ ଗୁରୁତର ରୋଗୀଙ୍କୁ ତୁରନ୍ତ ବଡ଼ ଡାକ୍ତରଖାନା ଯାଇ ଚିକିତ୍ସା କରାଯିବାକୁ ପରାମର୍ଶ ଦେଇଛନ୍ତି । କିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୬ଟି ଡାଇଲେସିସ୍ ମେସିନ୍ ରହିଥିବା ବେଳେ ପ୍ରାୟ ୫୦ କିଡ଼ନି ରୋଗୀ ନିଜର ଡାଇଲେସିସ୍ କରୁଛନ୍ତି । ସେଥିରୁ ୪୦ ଜଣ କିଡ଼ନି ରୋଗୀ କାଲିମେଳା ବ୍ଲକ୍ର ରହିଛନ୍ତି । ପ୍ରତିଦିନ କିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୯ରୁ ୨୦ ଜଣ ଗୁରୁତର କିଡ଼ନି ରୋଗୀ ନିଜର ଡାଇଲେସିସ୍ କରାଉଛନ୍ତି ।

ନୂଆପଡାରେ ଅବକାରୀ ବିଭାଗର ସମୀକ୍ଷା ବୈଠକ

ନୂଆପଡ଼ା,୧୨/୨: ନୂଆପଡା ଜିଲ୍ଲାପାଳ ମଧୁସୂଦନ ବାଶଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଅବକାରୀ ବିଭାଗର କାର୍ଯ୍ୟାବଳୀ ସମ୍ପର୍କିତ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ବୈଠକର ଆରମ୍ଭରେ ଜିଲ୍ଲା ଅବକାରୀ ଅଧୀକ୍ଷକ ସଂପମିତ୍ରା ପ୍ରଧାନ ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ଏଥିରୁ ଜଣାପଲାଯେ ୨୦୨୬ ମସିହାରେ ଗତ ବର୍ଷ ତୁଳନାରେ ଅପରାଧିକ ମାମଲା ବିହୁନ, ଗିରଫ ଓ ଚାର୍ଜସିଟ ଦାଖଲରେ ବୃଦ୍ଧି ପରିଲକ୍ଷିତ ହୋଇଛି ।

ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି, ଘରେ ପଶିଲେ ୧୦ରୁ ଊର୍ଦ୍ଧ୍ୱ ଡକାୟତ

ଜହୁପଙ୍କ,୧୨/୨(ନି/ପ୍ର):ବୌଦ୍ଧ ବ୍ଲକ ଭାଲିଆପଦର ଗ୍ରାମରେ ବିତିତିତ ରାତିରେ ସଶସ୍ତ୍ର ଡକାୟତି ହୋଇଥିବା ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୩ ଘଟା ସମୟରେ ୧୦ରୁ ଊର୍ଦ୍ଧ୍ୱ ଡକାୟତି ଦଳ ଛତନିଆଳଟା-ମୁରମୁଣ୍ଡି ରାସ୍ତାର ଭାଲିଆପଦର ନିକଟରେ ଥିବା ଦେବତୁର ମିଶ୍ରଙ୍କ ଘରେ ପଶି ଦୋମା ପଳାଇ ପରିବାର ଲୋକଙ୍କୁ ଭୟଭୀତ କରାଇ ଘରେ ଥିବା ସୁନାରୂପା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ପରିବାରର ସଦସ୍ୟଙ୍କ ହାତ ଗୋଡ ବାନ୍ଧି ଦେଇଥିବା ଓ ମାଡ ମାରିଥିବା ମଧ୍ୟ ସେମାନେ ପ୍ରକାଶ କରିଛନ୍ତି । ଭକ୍ତ ଘଟଣା ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ସୃଷ୍ଟି କରିଛି । ପୋଲିସ୍ ସାଇଂଟିଫିକ ଟିମ ନେଇ ତଦନ୍ତ ଆରମ୍ଭ କରିଛି । ରାତି ପ୍ରାୟ ସାଢ଼େ ୨ଟାବେଳେ, ୫ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ବାରି ପଟୁ ଦେବତ୍ରତ ମିଶ୍ରଙ୍କ ଘରେ ପ

ଶ୍ରମିକ ବିରୋଧୀ ଶ୍ରମ କୋର୍ଡ଼ ବାତିଲ, ମନରେଗା ବଚାଂଅ ଓ ଅନ୍ୟାନ୍ୟ ଦାବି ନେଇ ଦେଶବ୍ୟାପି ସାଧାରଣ ଧର୍ମଘଟ

ରାଉରକେଲା ୧୨/୨(ନି/ପ୍ର): ବିଭିନ୍ନ ଟ୍ରେଡ ୟୁନିୟନ ସମେତ କଂଗ୍ରେସ ସମର୍ଥନରେ ଆଜି ଦେଶ ବ୍ୟାପି ଧର୍ମଘଟର ଡାକରା ଦିଆଯାଇଛି। ସିଆଇଟିୟୁ, ଆଇଏନଟିୟୁସି, ଏଚ୍‌ଏମ୍‌ଏସ୍‌ସିୟୁ, ଏଆଇସିସିଟିୟୁ, ଏଆଇୟୁଟିୟୁସି, କିଏମ୍‌ଏସ୍, ସିଇଏଆଇ, ଲକ୍ଷିପେଣ୍ଡେଂ ବ୍ୟାସନାଲ ଫେଡେରେସନ ସହ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସକେଏମ୍) ପକ୍ଷରୁ ଶ୍ରମିକ ବିରୋଧୀ ଶ୍ରମ କୋର୍ଡ଼ ବାତିଲ, ଜି.ବି.ଜି.ରାମ.ଜି. ଆଇନ-୨୦୨୫ ପ୍ରତ୍ୟାହାର ଓ ମନରେଗା ବଚାଂଅ, କୃଷକ ବିରୋଧୀ ବିହନ ବିଲ୍-୨୦୨୫ ପ୍ରତ୍ୟାହାର, ଜନ ବିରୋଧୀ ବିଦ୍ୟୁତ ବିଲ୍ ପ୍ରତ୍ୟାହାର ଆଦି ଦାବିରେ ଆଜିର ଦେଶବ୍ୟାପୀ ସାଧାରଣ ଧର୍ମଘଟ ଆହ୍ୱାନ ଦିଆଯାଇଥିଲା । ଆଜିର ଏହି ଦେଶବ୍ୟାପୀ ସାଧାରଣ ଧର୍ମଘଟରେ ବୋକାକ ବଜାର ବନ୍ଦ ରହିବା ସମେତ ଟ୍ରକ, ବସ୍ ଏବଂ ଅନ୍ୟାନ୍ୟ ମୋଟରଯାନ ଚଳାଚଳ ବାଧାପ୍ରାପ୍ତ ହେବା ସହିତ ବ୍ୟାଙ୍କ ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ମଧ୍ୟ ବନ୍ଧ ରହିଛି। କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ମୋଦି ସରକାରଙ୍କ ଶ୍ରମ ବିରୋଧୀ ଶ୍ରମ କୋର୍ଡ ପ୍ରତ୍ୟାହାର ଦାବି ସହ ଜି.ବି.ଜି.ରାମ.ଜି. ଆଇନ-୨୦୨୫ ପ୍ରତ୍ୟାହାର, ମନରେଗା ଯୋଜନାର ପୁନଃ ସ୍ଥାପନ, ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ନିୟନ୍ତ୍ରଣ, ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ଘରୋଇକରଣର ବିରୋଧ, ବିଦ୍ୟୁତ ସଂଶୋଧନ ବିଲ୍ -୨୦୨୫ ଓ ଆଠ ଘଣ୍ଟା କାମ କରିବାର ଅଧିକାରକୁ ବଜାୟ ରଖିବା ପାଇଁ ଦେଶର ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସମସ୍ତ ସ୍ୱାଧୀନ କର୍ମଚାରୀ ଫେଡେରେସନମାନଙ୍କ ଆହ୍ୱାନରେ ଆଜି ଦେଶବ୍ୟାପୀ ୨୪ ଘଣ୍ଟିଆ ଧର୍ମଘଟ ଓ ହରତାଳକୁ ସୁନ୍ଦରଗଡ଼ ଜିଲ୍ଲା ଓ ରାଉରକେଲାରେ ସଫଳ କରିବା ପାଇଁ ଏହି ଧର୍ମଘଟରେ ଜନସାଧାରଣଙ୍କୁ ସାମିଲ ହେବାକୁ ଆହ୍ୱାନ କରି ଆଜି ଏହି ଧର୍ମଘଟର ଡାକରା ଦିଆଯାଇଛି। ଏହି ଧର୍ମଘଟରେ ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତିଙ୍କ ସମେତ ଜାହାଙ୍ଗୀର ଅଲ୍ଲା, ବିମାର ମାଇତିଙ୍କ ସମେତ ବହୁ ବରିଷ୍ଠ ନେତାଏହି ଧର୍ମଘଟରେ ସାମିଲ ହୋଇଛନ୍ତି। ରାଉରକେଲା ସହର ଏକ ଶିଳ୍ପ ପ୍ରଧାନ ନଗରୀ ହୋଇଥିଲା ବେଳେ ଏଠାରେ ବିଭିନ୍ନ ଟ୍ରେଡ ୟୁନିୟନ ସମେତ ସଂଯୁକ୍ତ କିଷାନ ମୋର୍ଚ୍ଚା, ଆଶାକର୍ମୀ ଏବଂ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ରାସ୍ତାରୋକ ସହ ପିକେଟିଂ କରାଯିବା ଫଳରେ ବିର୍ଦ୍ଦୀ ଛକ ଠାରେ ଯାତାୟାତ ଚଳାଚଳ ଠପ୍ ହୋଇଯାଇଥିଲା । ରାଉରକେଲା ବସଷ୍ଟାଣ୍ଡରେ ବସଗୁଡ଼ିକ ଛିଡାହୋଇ ରହିଥିଲାବେଳେ ବାହାରୁ ଆସିଥିବା କେତେକ ଯାତ୍ରୀ ବସଷ୍ଟାଣ୍ଡରେ ଅପେକ୍ଷା କରି ବସିବା ସହିତ ଅନ୍ୟ କେତେକ ଶୋଇଥିବା ଦେଖାଯାଇଥିଲା । ଆମ ବସ୍ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ବେବଦ୍‌ଯାସ ବେଲଡିହି ଠାରେ ଡିପୁରେ ବସ୍ ଗୁଡ଼ିକୁ ରଖାଯାଇଥିଲା । ସମସ୍ତ ପେଟ୍ରୋଲ ପମ୍ପ ବନ୍ଦ ରହିଥିବାବେଳେ ପେଟ୍ରୋଲ ପମ୍ପ ବାହାରେ କେତେକ ଅଧାଧୁ ବ୍ୟବସାୟୀ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ବିକ୍ରୟ କରୁଥିବା ଦେଖାଯାଇଥିଲା, ଯାହାକି ସରକାରଙ୍କ ପକ୍ଷରୁ ନିଷିଦ୍ଧ କରାଯାଇଛି। ବିର୍ଦ୍ଦୀ ଛକରେ ବନ୍ଧର ପ୍ରଭାବ ସମ୍ପୂର୍ଣ୍ଣ ଭାବେ ପରିଲକ୍ଷିତ ହୋଇଥିଲା ବେଳେ ପୋଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରା ନଯାଇ ନାମ ମାତ୍ର କେତେକ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଥିଲା । ଯାହାଫଳରେ ବିକ୍ଷୋଭକାରୀଙ୍କ ସହ ବାଇକ୍ ଓ ସ୍କୁଟର ଚାଳକଙ୍କ ସୁଲ୍ତିବର୍ଦ୍ଦ ଓ ହାତାହାତି ହୋଇଥିବା ଦେଖାଯାଇଥିଲା । ଏସବୁ ସତ୍ତ୍ୱେ ରାଉରକେଲା ସହରରେ ଧର୍ମଘଟର ପ୍ରଭାବ ସମ୍ପୂର୍ଣ୍ଣ ଭାବେ ପରିଲକ୍ଷିତ ହୋଇଥିଲା । ସୁନ୍ଦରଗଡ଼ ଶିଳ୍ପ ମଜଦୁର ୟୁନିଅନର ବ୍ୟାନର ତଳେ ଆଇଟିସି କଲୁଙ୍ଗା ଏବଂ ସମିଲ ଚୌକ ଅଞ୍ଚଳରେ ଧର୍ମଘଟ କରାଯାଇଥିଲା, ଯାହା ଫଳରେ କାରଖାନାରେ କାର୍ଯ୍ୟରତ ଶ୍ରମିକମାନେ ଧର୍ମଘଟକୁ ସମର୍ଥନ କରି ଧର୍ମଘଟରେ ଯୋଗ ଦେଇଥିଲେ । ଯାହାର ପ୍ରଭାବ ଆଜି କାରଖାନା ଉପରେ ମଧ୍ୟ ପଡ଼ିଥିଲା ।ଆଜିର ଏହି ଧାରଣା ପ୍ରଦର୍ଶନରେ ରାଜକିଶୋର ପ୍ରଧାନ, ବଦାନନ୍ଦ ସାହୁ, ହୃଦୟାନନ୍ଦ ଯାଦବ, ଜଳାଡି କେଶରୀ ସାହୁ, ବସନ୍ତ ନାୟକ, ଅଣ୍ଟୁ ଦାସ, ଶ୍ରୀମନ୍ତ ଦେହେରା, ପ୍ରଭାତ ମହାନ୍ତି, ବିଶ୍ୱଜିତ୍ ମାଝୀ, ଚନ୍ଦ୍ରଭାନୁ ଦାସ, ଶତ୍ରୁଘ୍ନ ମହାଳୁଙ୍ଗ, ଲକ୍ଷ୍ମୀଧର ନାୟକ, ଭୁଜମଣି ରାଉତ, କ୍ଷେତ୍ରମୋହନ ମଣ୍ଡାନ୍ତ, ଜଗଦୀଶ ପାଲ, ସଚିନ ରାୟଙ୍କ ସମେତ ବିଭିନ୍ନ ଶ୍ରମିକ ସଙ୍ଗଠନ ନେତା ଓ କର୍ମୀ ସାମିଲ ଥିଲେ ।

ରାଉରକେଲା ଜିଲ୍ଲା ବିଜେଡ଼ି ତରଫରୁ 'ପ୍ରତିବାଦ ସଭା' ନିମନ୍ତେ ପ୍ରସ୍ତୁତି ବୈଠକ

ରାଉରକେଲା,୧୨/୨(ନି/ପ୍ର): ରାଜ୍ୟରେ ଡବଲ ଇଞ୍ଜିନ କୋଡିଏ ମାସର ସରକାର,ରାଜ୍ୟବାସୀଙ୍କୁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ,ସମସ୍ତ ରାଜ୍ୟରେ ସାଧାରଣ ଲୋକମାନେ ପ୍ରତେକ କ୍ଷେତ୍ରରେ ନାହିଁନାହିଁ ଅସୁବିଧା ଭୋଗ କରୁଛନ୍ତି,ଏଇ ପରିପ୍ରେକ୍ଷିତରେ,ରାଜ୍ୟ ବିଜେଡ଼ି ସଭାପତି ନବୀନ ବାବୁଙ୍କ ନିର୍ଦ୍ଦେଶ ଅନୁସାରେ, ରାଉରକେଲା ବିଜେଡ଼ି ସାଙ୍ଗଠନିକ ଜିଲ୍ଲା ତରଫରୁ ପାନପୋଷ ସ୍ଥିତ ତ୍ରିଦେବ ହୋଟେଲ ଠାରେ,ନବନିଯୁକ୍ତ ଜିଲ୍ଲା ସଭାପତି,ବୁଢ଼ା ବିଧାୟକ,ବୁଢ଼ା ପୂର୍ବତନ ବିଧାୟକ,ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ୍ୟା,ଜିଲ୍ଲା ପରିଷଦ ଉପାଧକ୍ଷ,ଜିଲ୍ଲା ପରିଷଦ ସଭ୍ୟ।,ଓ ସଭ୍ୟ,ବ୍ଲକ ସଭାପତି ଗଣ,ବରିଷ୍ଠନେତାଗଣ,ମହିଳା ନେତ୍ରୀଗଣ,ଯୁବ ଓ ଛାତ୍ର ନେତା ମାନଙ୍କ ଦ୍ୱାରା ଜିଲ୍ଲା ସଭାପତି ପ୍ରତୁମ୍ନ ତ୍ରିପାଠୀ ଙ୍କ ସଭାପତିତ୍ୱ ରେଖିବ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଓଡିଶାର ବରପୁତ୍ର,ଆଧୁନିକ ଓଡିଶା ନିର୍ମାତା ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପ,ଧୂପ ଦେଇ ପୂଜା ଅର୍ଚ୍ଚନା କରଯାଇଥିଲା । ପୂର୍ବତନ ମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ ଶୋକପ୍ରସ୍ତାବ ଦ୍ୱାରା ଆମ ଜିଲ୍ଲାର ତାଣୁଆ ଆଦିବାସୀ ନେତା,ପୂର୍ବତନ ବିରମିତ୍ରାପୁର ବିଧାୟକ ସ୍ୱର୍ଗୀୟ ଜର୍ଜ ଟିର୍କି,ପୂର୍ବତନ ଜିଲ୍ଲାର ସଭାପତି ସ୍ୱର୍ଗୀୟ ଆନନ୍ଦ ଚନ୍ଦ୍ର ମହାନ୍ତି, ପୂର୍ବତନ ଲୁଚିପିଡା ବ୍ଲକ ସଭାପତି ଗୌତମ ବାରିକଙ୍କ ଅକାଳ ବିୟୋଗ ହୋଇଥିବାରୁ,ସେମାନଙ୍କ ପବିତ୍ର ଆତ୍ମାର ସଦ୍ଗତି କାମନା କରି ଦୁଇମିନିଟ ନୀରବ ପ୍ରାର୍ଥନା କରଯାଇଥିଲା । ନବନିଯୁକ୍ତ ବିଜେଡ଼ି ଜିଲ୍ଲା ସଭାପତି ପ୍ରତୁମ୍ନ ତ୍ରିପାଠୀଙ୍କୁ,ବିଧାୟକ ସାରଦା ପ୍ରସାଦ ନାୟକ,ପୂର୍ବତନ ବିଧାୟକ ସୁତ୍ରତ ତରାଇ,ହାଲୁ ମୁଣ୍ଡାରି,ବରିଷ୍ଠ ନେତା ଜୟନ୍ତ କୁମାରମିଶ୍ର,ନଗର ସଭାପତି ଗଗନ ପଣ୍ଡା ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ପୂର୍ବତନ ମନ୍ତ୍ରୀ,ବିଧାୟକ ସୁତ୍ରତ ତରାଇ,ରାଜ୍ୟ ବିଜେପି ସରକାରଙ୍କୁ ଜଡା ସମାଲୋଚନା କରି ଶାନ୍ତ ରାଜ୍ୟରେ ଅଶାନ୍ତ ବାତାବରଣ ସୃଷ୍ଟି କରି ପ୍ରତେକ କ୍ଷେତ୍ରରେ ବିଫଳ ହୋଇଛନ୍ତି । ଏଥିପାଇଁ ଆମେ ପ୍ରତିବାଦ ସଭାକରୀ ଲୋକଙ୍କୁ ଅବଗତ କରାଉବା ।ପୂର୍ବତନ ମନ୍ତ୍ରୀ ତଥା ରାଉରକେଲାର ଜନପ୍ରିୟ ବିଧାୟକ ସାରଦା ପ୍ରସାଦ ନାୟକ ନିଜ ବକ୍ତବ୍ୟରେ,ଆମ ଆଦିବାସୀ ଜିଲ୍ଲା ରେ,ଆଦିବାସୀ ଭଉଣୀ ଓ ଭାଇ ମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ହୃଦୟର ସହିତ ଯବି ଢିବି ଜାର୍ଯ୍ୟ କରିଛି ସିଏ ଆମ ଓଡିଶାର ପୂର୍ବତନ ଆଦର୍ଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,ଲୋକେ ନିଜର ଜୀବନ ବଦଳାଇବା ପାଇଁ ଆଜି ବିଜୁସ୍ୱାସ୍ଥ୍ୟ କାର୍ଡ଼ରୁ ଝୁରୁଛନ୍ତି,ମିଥ୍ୟା ନିର୍ବାଚନ ପ୍ରତିଶ୍ରୁତିରେ ଗଙ୍ଗ ବଦଳାଇବା ଡବଲ ଇଞ୍ଜିନ ସରକାର ଚିଆରି ହେଲା,କୃଷକଭାଇଙ୍କ ଧାନ ବିକ୍ରି ହେଉନାହିଁ, ବୀମା ସୁଧରେ ବ୍ୟାଙ୍କରୁ ମା,ଭଉଣୀ ମାନେ ଋଣଆଣି ବିଭାର୍ଣ୍ଣ କାର୍ଯ୍ୟ କରା ନିଜର ପରିବାର ପୋଷଣ କରୁଥିଲେ,ଅଜି ପ୍ରତେକ କ୍ଷେତ୍ରରେ ଓଡିଶା ନିମ୍ନଗାମୀ ହେଉଛି,ସମସ୍ତ ବିଷୟ ସାଧାରଣ ଲୋକଙ୍କ ନିକରେ ଆଗାମୀ ୧୬ ତାରିଖ ସକାଳ ୧୦ ଘଟିକରେ, ରାଉରକେଲା ମୁନିଷାଲ୍ଟ୍ରା ନିଗମ କାର୍ଯ୍ୟାଳୟ ନିକରେ ଏକ ବିଚାର ପ୍ରତିବାଦ ସଭା କରାଯାଇ ଅବଗତ କରାଯିବ । ଜିଲ୍ଲାର ଚାରୋଟି ବିଧାନ ସଭା କ୍ଷେତ୍ରରୁ ସହସହ ବିଜୁପ୍ରେମୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ନିବେଦନ କରିଥିଲେ । ଅନ୍ୟତମ ବାରମିତରପୁର ଯୁବ ବିଧାୟକ ନିଜ ବକ୍ତବ୍ୟରେ,ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରିୟ ନବୀନ ବାବୁ,ଆମ ଆଦିବାସୀ ମାନଙ୍କ ପାଇଁ ସବୁ ଖେତ୍ରରେ ଯାହା ଉନ୍ନତି ମାନ କରିଛନ୍ତି, ତାହା ଦେଶରେ ଉଦାହରଣ ସୃଷ୍ଟି କରିଛନ୍ତି । ବିଶେଷ କରି ଯୁବକ,ଯୁବତୀ ମାନଙ୍କର ଶିକ୍ଷା ଓ ଖେଳ କ୍ଷେତ୍ରରେ ଅନେକ ସୁଯୋଗ ସୃଷ୍ଟି କରି ଯୁବ ସମାଜଙ୍କର ବିକାଶ ହୋଇପାରିଛି,ଆଜି ଜେଡ଼ଦ୍ୱାରା ପରିଚାଳିତ କଥାକୁହା ରାଜ୍ୟ ସରକାର ସଫଳ ଯୋଜନାକୁ ବନ୍ଦ କରାଇ ଲୋକମାନଙ୍କୁ ହରଣାଣ କରାଉଛି । ଏଥିପାଇଁ ଆମାମୀ ୧୬ତାରିଖ ପ୍ରତିବାଦ ସଭାରେ ଆମ ନିର୍ବାଚନ ମଣ୍ଡଳୀର ପ୍ରତେକ ଖ୍ୱାର୍ଥ,ପଂଚାୟତ ରୁ ଭାଇଓ ଭଉଣୀ ମାନେ ଆସି କାର୍ଯ୍ୟକ୍ରମକୁ ସଫଳ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ଭିତରେ ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରି, ବରିଷ୍ଠ ନେତା ବିରେନ ସେନାପତି, ସନ୍ତୋଷ ନାୟକ,ନିରଞ୍ଜନ ଦାଶ,ମୂନା ବିଲାଲ ଅହମଦ,ବଳଦେବ ଝିନ୍ଦ, ଶୁଭେନ୍ଦୁ ସାମଲ,ଜିଲ୍ଲାପରିଷଦ ଉପାଦକ୍ଷ ଜମଳ ଲକ୍ରା,ନାରିନେତ୍ରୀ ଜୋଷଣା ନାୟକ, ଛବି ମହାନ୍ତି,ରାଜେନ୍ଦ୍ର କୁଜୁର,ସ୍ୱପ୍ନ ସ୍ୱାର୍ଜି,ତ୍ରିଜେନ୍ଦ୍ର ଦାଶ,ତ୍ରିଜେଶ ମାହାତୋ,ବାବୁ ଖାନ,ବିଭୂତି ପୁହାନ,ସଞ୍ଜିତ ଛୋଟରାୟ,ପିଙ୍କୁ ଜୟସୁକ ସମେତ ନିଜନିଜ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ସଭାପତି ଶ୍ରୀସୁକ୍ତ ତ୍ରିପାଠୀ ଜିଲ୍ଲାର ସମସ୍ତ କର୍ମୀମାନଙ୍କ ସହଯୋଗ କାମନା କରି ଆଗାମୀ ୧୬ ତାରିଖ ସକାଳ୧୦ଘଟିକ ପ୍ରତବାଦ ସଭାରେ କର୍ମୀ ମାନେ ବହୁଶଙ୍ଖ୍ୟରେ ଦେଇ ସଫଳକରବା ପାଇଁନିବେଦନ କରିଥିଲେ । ବରିଷ୍ଠ ନେତା ଜୟନ୍ତ କୁମାର ମିଶ୍ର ଧନ୍ୟବାଦ ଜଣାଇଥିଲେ ।

ବିପିୟୁଟିର ମହାନଦୀ ଛାତ୍ରାବାସ ଓ ଯାନ୍ତ୍ରିକ କାର୍ଯ୍ୟଶାଳାର ଉଦ୍‌ଘାଟନ

ରାଉରକେଲା ୧୨/୨(ନି/ପ୍ର): ଗତକାଲି ରାଉରକେଲା ଠାରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର ନୂତନ ଭାବରେ ନିର୍ମିତ ହୋଇଥିବା ମହାନଦୀ ଛାତ୍ରାବାସ ଓ ଯାନ୍ତ୍ରିକ କାର୍ଯ୍ୟଶାଳାର ଉଦ୍ଘାଟନ ହୋଇଯାଇଛି । ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ ରାଉରକେଲା କ୍ଷେତ୍ରସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରେ ୬୦୦ ଶଯ୍ୟା ବିଶିଷ୍ଟ 'ମହାନଦୀ' ଛାତ୍ରାବାସ ଏବଂ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା କେନ୍ଦ୍ର ପାଇଁ ଯାନ୍ତ୍ରିକ କାର୍ଯ୍ୟଶାଳା ଗୃହର ଶୁଭ ଉଦ୍ଘାଟନ କରିଛନ୍ତି । ଏହି ଉଦ୍ଘାଟନୀ ଉତ୍ସବରେ କୁଳସଚିବ ଶ୍ରୀମତୀ ନିଶି ପୁନମ ମିଞ୍ଜ, ଅର୍ଥ ଅଧିକାରୀ ଶ୍ରୀମତୀ ସେବତୀ ବାନସେନା, ସିୟୁପିଜିଏସ୍ ନିର୍ଦ୍ଦେଶକ ପ୍ରଫେସର ଶିବକୁମାର ମିଶ୍ର, ପାଠ୍ୟକ୍ରମ ବିଭାଗ ନିର୍ଦ୍ଦେଶକ ପ୍ରଫେସର ସୁଜିତ କୁମାର ଖୁଟିଆଙ୍କ ସହ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ବୃନ୍ଦ ଏବଂ ଛାତ୍ରଛାତ୍ର ପଦାଧିକାରୀମାନେ ଏହି ଉଦ୍ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ । ମହାନଦୀ ଛାତ୍ରାବାସ ଦ୍ୱାରା ଛାତ୍ରମାନଙ୍କର ରହିବା ସୁବିଧାରେ ଉଲ୍ଲେଖନୀୟ ଉନ୍ନତି ଆସିବା ସହ ନୂତନ ଯାନ୍ତ୍ରିକ କାର୍ଯ୍ୟଶାଳା ଛାତ୍ରଛାତ୍ରୀଙ୍କ ପ୍ରାୟୋଗିକ ଶିକ୍ଷା, ଦକ୍ଷତା ବିକାଶ ଏବଂ ବୈଷୟିକ ପ୍ରଶିକ୍ଷଣକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଡିନ୍‌ରୁମିକୁ ମଜବୁତ କରିବା ଏବଂ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ପାଇଁ ଏକ ସହାୟକ ତଥା ଆଧୁନିକ ଶିକ୍ଷାଦାନ ପରିବେଶ ସୃଷ୍ଟି କରିବା ଦିଗରେ ଏହା ସହାୟକ ହେବ ।

ପଣ୍ଡିତ ଦୀନଦୟାଲଜୀଙ୍କ ବଳିଦାନ ଦିବସକୁ ସମର୍ପଣ ଦିବସ ପାଳନକଲା ବିଜେପି

ରାଉରକେଲା,୧୨/୨(ନି/ପ୍ର): ସେକ୍ଟର,-୩ ସ୍ଥିତ ସୀତାରାମ ମନ୍ଦିର ପ୍ରାଙ୍ଗଣରେ, ବିଜେପି ରାଉରକେଲା ସାଂଗଠନିକ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ତତ୍ୱାବଧାନରେ ଭାରତୀୟ ଜନସଂଘର ପ୍ରଖର ରାଷ୍ଟ୍ରୀୟ ନେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟ ତିଥିରୁ ବଳିଦାନ ଦିବସକୁ ସମର୍ପଣ ଦିବସ ରୂପେ ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବେଦୁବ୍ଦ ପଣ୍ଡିତ ଦୀନଦୟାଲଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ତଥା ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଦୀନଦୟାଲଜୀଙ୍କ ବାଲ୍ୟଜୀବନର ଦୁଃଖଦ ଘଟଣା ବଳୀ ସହିତ ତାଙ୍କର ସଂଘର୍ଷ ମୟ ଜୀବନୀ, ଆର୍ଥିକ ଅନାଟନ ରାଜନୈତିକ ଓ ରାଷ୍ଟ୍ରୀୟତା ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ । ସେ ତାଙ୍କର କର୍ମମୟ ଜୀବନ ରାଷ୍ଟ୍ରୀୟ ସ୍ୱଂୟ ସଂଘରୁ ଆରମ୍ଭକରି, ଭାରତୀୟ ଜନସଂଘର ସଭାପତି ପଦ ପର୍ଯ୍ୟନ୍ତ ଅଳଙ୍କୃତ କରିଥିଲେ । ଏକାତ୍ମ ମାନବବାଦର ପ୍ରଣେତା ଓ ଅନ୍ତ୍ୟୋଦୟର ପ୍ରବର୍ତ୍ତକ ଥିଲେ ପଣ୍ଡିତ ଦିନଦୟାଲ । ଏକାତ୍ମ ମାନବବାଦ ଦର୍ଶନରେ ବ୍ୟକ୍ତି, ସମାଜ, ରାଷ୍ଟ୍ର, ସୃଷ୍ଟି ଓ ପରମେଷ୍ଟିଙ୍କର ଏକ ସମଗ୍ରିକ ରୂପକଳ୍ପ ପ୍ରସ୍ତୁତ କରିଥିଲେ । ଏହା ରୂପକ ଜୀବନ ଦର୍ଶନ ସ୍ଥିରତା,ଶାନ୍ତି, ଓ ନିଶ୍ଚିତ ସଫଳତା ଆଣି ଦେଇଛି । ସେ ଦେଶର ଅର୍ଥାଗମ୍ ନିମନ୍ତେ କୃଷି, ଶିଳ୍ପ, ବାଣିଜ୍ୟ ଏବଂ ସେବା ଉପରେ ଗୁରୁତ୍ୱ ଦେଇଥିଲେ । ତାଙ୍କର ଅନ୍ତ୍ୟୋଦୟ ଯୋଜନାକୁ ତଳସ୍ତରରେ ପହଞ୍ଚାଇବା ସହିତ , ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କୁ,ବିଧାୟକ ସାରଦା ପ୍ରସାଦ ନାୟକ,ପୂର୍ବତନ ବିଧାୟକ ସୁତ୍ରତ ତରାଇ,ହାଲୁ ମୁଣ୍ଡାରି,ବରିଷ୍ଠ ନେତା ଜୟନ୍ତ କୁମାରମିଶ୍ର,ନଗର ସଭାପତି ଗଗନ ପଣ୍ଡା ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ପୂର୍ବତନ ମନ୍ତ୍ରୀ,ବିଧାୟକ ସୁତ୍ରତ ତରାଇ,ରାଜ୍ୟ ବିଜେପି ସରକାରଙ୍କୁ ଜଡା ସମାଲୋଚନା କରି ଶାନ୍ତ ରାଜ୍ୟରେ ଅଶାନ୍ତ ବାତାବରଣ ସୃଷ୍ଟି କରି ପ୍ରତେକ କ୍ଷେତ୍ରରେ ବିଫଳ ହୋଇଛନ୍ତି । ଏଥିପାଇଁ ଆମେ ପ୍ରତିବାଦ ସଭାକରୀ ଲୋକଙ୍କୁ ଅବଗତ କରାଉବା ।ପୂର୍ବତନ ମନ୍ତ୍ରୀ ତଥା ରାଉରକେଲାର ଜନପ୍ରିୟ ବିଧାୟକ ସାରଦା ପ୍ରସାଦ ନାୟକ ନିଜ ବକ୍ତବ୍ୟରେ,ଆମ ଆଦିବାସୀ ଜିଲ୍ଲା ରେ,ଆଦିବାସୀ ଭଉଣୀ ଓ ଭାଇ ମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ହୃଦୟର ସହିତ ଯବି ଢିବି ଜାର୍ଯ୍ୟ କରିଛି ସିଏ ଆମ ଓଡିଶାର ପୂର୍ବତନ ଆଦର୍ଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,ଲୋକେ ନିଜର ଜୀବନ ବଦଳାଇବା ପାଇଁ ଆଜି ବିଜୁସ୍ୱାସ୍ଥ୍ୟ କାର୍ଡ଼ରୁ ଝୁରୁଛନ୍ତି,ମିଥ୍ୟା ନିର୍ବାଚନ ପ୍ରତିଶ୍ରୁତିରେ ଗଙ୍ଗ ବଦଳାଇବା ଡବଲ ଇଞ୍ଜିନ ସରକାର ଚିଆରି ହେଲା,କୃଷକଭାଇଙ୍କ ଧାନ ବିକ୍ରି ହେଉନାହିଁ, ବୀମା ସୁଧରେ ବ୍ୟାଙ୍କରୁ ମା,ଭଉଣୀ ମାନେ ଋଣଆଣି ବିଭାର୍ଣ୍ଣ କାର୍ଯ୍ୟ କରା ନିଜର ପରିବାର ପୋଷଣ କରୁଥିଲେ,ଅଜି ପ୍ରତେକ କ୍ଷେତ୍ରରେ ଓଡିଶା ନିମ୍ନଗାମୀ ହେଉଛି,ସମସ୍ତ ବିଷୟ ସାଧାରଣ ଲୋକଙ୍କ ନିକରେ ଆଗାମୀ ୧୬ ତାରିଖ ସକାଳ ୧୦ ଘଟିକରେ, ରାଉରକେଲା ମୁନିଷାଲ୍ଟ୍ରା ନିଗମ କାର୍ଯ୍ୟାଳୟ ନିକରେ ଏକ ବିଚାର ପ୍ରତିବାଦ ସଭା କରାଯାଇ ଅବଗତ କରାଯିବ । ଜିଲ